## ଓକିଲ ସଂଘ ନିର୍ବାଚନ

# କୋରାପୁଟରେ ପ୍ରଭାତ ସଭାପତି ଓ ନିତ୍ୟାନନ୍ଦ ଉପସଭାପତି

କୋରାପୁଟ, ୨୮।୩(ସମିସ)

କୋରାପୁଟ ବାର ଆସୋସିଏସନର ନିର୍ବାଚନ ଶେଷ ହୋଇଛି। ସଭାପତି ଭାବେ ପ୍ରଭାତ କୁମାର ମହାପାତ୍ର, ଉପସଭାପତି ଭାବେ ନିତ୍ୟାନନ୍ଦ ମହାନ୍ତି ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ମନୋରଞ୍ଜନ ରାଉତରାୟ ଜଣାଇଛନ୍ତି। ସଂଘର ଦୁଇ ପ୍ରମୁଖ ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହୋଇଥିବା ବେଳେ ସମ୍ପାଦକ ଭାବେ ସୁନୀଲ କୁମାର ଜେନା ଓ କୋଷାଧ୍ୟକ୍ଷ ଭାବେ କାମାକ୍ଷୀ ମାଝୀ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ପାଇଁ ୯ ଜଣ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଅଜିତ କୁମାର ସାହୁ, ଈଶ୍ୱରଦତ୍ତ ଖୋସଲା, କେଦାରନାଥ ସେନାପତି, ପ୍ରଶାନ୍ତ ସାହୁ, ନମିତା ମହାନ୍ତି, ସସ୍ମିତାରାଣୀ ସାହୁ, ରଶ୍ମିତା ଦାସ ଓ ସେଶାଦ୍ରୀ ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି। ମୋଟ ୨୬୯ ଜଣ ଭୋଟରଙ୍କ ମଧ୍ୟରୁ ୨୨୫ ଜଣ ନିର୍ବାଚନରେ ଭାଗନେଇ ପ୍ରତିଯୋଗୀଙ୍କ ଭାଗ୍ୟ ନିର୍ଦ୍ଧାରିତ କରିଥିଲେ। ନିର୍ବାଚନ ଅଧିକାରୀ ମନୋରଞ୍ଜନ ରାଉତରାୟ, ସହକାରୀ ନିର୍ବାଚନ ଅଧିକାରୀ ପ୍ରଶାନ୍ତ ପାତ୍ର, ବିଦ୍ୟାଧର ସାହୁ, ଶିଶିର କୁମାର ବିଶ୍ୱାଳ, ପ୍ରଶାନ୍ତ ସିଆଲ, ସୀମାଞ୍ଚଳ ମିଶ୍ର, ସତୀଶ କର ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

# ଜୟପୁରରେ ବିଜୟ ସଭାପତି, ସହଦେବ ସମ୍ପାଦକ



ଜୟପୁର, ୨୮।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଆଇନଜୀବୀ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଜି ପୂର୍ବାହ୍ନ ୭.୩୦ ମିନିଟ ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଦାନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୫୨୪ ଜଣ ଆଇନଜୀବୀ ଭୋଟରଙ୍କ ମଧ୍ୟରୁ ୪୮୩ ଜଣ ଭୋଟଦାନ କରିଥିଲେ। ସଭାପତି ଭାବେ ବିଜୟ କୁମାର ରାୟ ଜେନାଦେଓ ବିଜୟୀ ହୋଇଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ତଥା ପୂର୍ବତନ ସଭାପତି ବିରେଶ ପଟ୍ଟନାୟକଙ୍କୁ ୩୭ ଖଣ୍ଡ ଭୋଟ ବ୍ୟବଧାନରେ ସେ ପରାସ୍ତ କରିଛନ୍ତି। ବିଜୟୀ ପ୍ରାର୍ଥି ଶ୍ରୀ ଜେନାଦେଓ ୨୫୯ ଖଣ୍ଡ ଭୋଟ ପାଇଥିବା ବେଳେ ପରାଜିତ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ୨୨୨ ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ଭାବେ ସହଦେବ ପଟ୍ଟନାୟକ ୨୬୪ ଭୋଟ ପାଇବା ସହିତ ନିକଟତମ ପ୍ରତିଦ୍ୱନ୍ଦୀ ହରିଶ ଚନ୍ଦ୍ର ମୁଦୁଲିଙ୍କୁ ୫୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଭୋଟଦାନ ପରେ ଆଜି ଅପରାହ୍ନ ୪ ଟା ଠାରୁ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଗଣତି ପ୍ରଥମେ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରୁ ମହିଳା ସଂରକ୍ଷଣ ପ୍ରାର୍ଥୀ ଭାବେ ସସ୍ମିତା ଦଣ୍ଡସେନା ନିଦ୍ୱନ୍ଦରେ ବିଜୟୀ ହୋଇଥିବା ବେଳେ ୫ ଜଣ ପୁରୁଷ ପ୍ରାର୍ଥୀ ମଧ୍ୟରୁ ୪ଜଣ ତାରିଣି ପାଣିଗ୍ରାହୀ, ବିଶ୍ୱନାଥ ଆଚାରୀ, ପି.ଗଣ୍ଡିଶଙ୍କର ରାଓ, ବିଜୟ କୁମାର ଗଣ୍ଡ ସର୍ବାଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ଉପସଭାପତି ପଦବୀ ପାଇଁ ୩ଜଣ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରୁ ପ୍ରାର୍ଥୀ ଶରତ କୁମାର ମାଝି ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦୀ ସୁଜାତା ଆଚାରୀ ଙ୍କୁ ୧୫୧ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଯୁଗ୍ମ ସମ୍ପାଦକ ପଦବୀ ପାଇଁ ୩ଜଣ ପ୍ରାର୍ଥୀ ମଧ୍ୟରେ ନିର୍ବାଚନ ହୋଇଥିଲା ଏଥିରେ ପ୍ରାର୍ଥୀ ଭୋଳାନାଥ ପଟ୍ଟନାୟକ ନିକଟତମ ପ୍ରତିଦ୍ୱନ୍ଦୀ ଅଞ୍ଜନା ସିଂ ଙ୍କୁ ୨୨ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଲାଇବ୍ରେରୀ ସମ୍ପାଦକ ପଦବୀ ନିମନ୍ତେ ପ୍ରାର୍ଥୀ କାହ୍ନୁ ଚରଣ ମିଶ୍ର ନିକଟତମ ପ୍ରତିଦ୍ୱନ୍ଦି ଚନ୍ଦନ ପଟ୍ଟନାୟକଙ୍କୁ ୧୩୪ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଜିଲ୍ଲା ଆଇନଜୀବି ସଂଘର ନିର୍ବାଚନ ପରିଚାଳନାର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱଧାନରେ ଏହି ନିର୍ବାଚନ ଭୋଟଦାନ ଓ ଗଣତି ଆୟୋଜିତ ହେବା ପରେ ଶେଷରେ ଘୋଷଣା କରାଯାଇଥିଲା। ଏହି ନିର୍ବାଚନ ପାଇଁ ବାର କାଉନସିଲର ଅଧ୍ୟକ୍ଷଙ୍କ ଦ୍ୱାରା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ଆଇନଜୀବି ତଥା ରାଜ୍ୟ ବାର କାଉନସିଲର ସଦସ୍ୟ ପି. ରମେଶ ପାତ୍ର ଉପସ୍ଥିତ ରହିଥିଲେ। ସେହିପରି ନିର୍ବାଚନ ପରିଚାଳନା ଏବଂ ଭୋଟ ଗଣତିରେ ଆଇନଜୀବି ଶିଶିର ମିଶ୍ର, ରାଜେନ୍ଦ୍ର ସାନ୍ତ୍ରା, ରବୀନ୍ଦ୍ର ପଣ୍ଡା, ଦିନେଶ ନନ୍ଦ, ସୁଧାଂଶୁ ମିଶ୍ର, ପଦ୍ମିନି ଦାସ, ଲାଲୁ ଷଡଙ୍ଗୀ, ଜ୍ୟୋତି ରଞ୍ଜନ ପୁଜାରୀ, ଗୋପବନ୍ଧୁ ସାନ୍ତ୍ରା, କିଶୋର ମିଶ୍ର ପ୍ରମୁଖ ନିର୍ବାଚନ ସହକାରୀ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ସୂଚନାଯୋଗ୍ୟ, ବିନା ପ୍ରତିଦ୍ୱନ୍ଦିତାରେ ବିଜୟୀ ହୋଇଥିବା ପ୍ରାର୍ଥୀ ଭାବେ ମହିଳାଙ୍କ ପାଇଁ ସଂରକ୍ଷିତ ସହକାରୀ ସମ୍ପାଦିକା ଭାବେ ପୁଷ୍ପାଞ୍ଜଳି ସାହୁ ଏବଂ ସହକାରୀ ଲାଇବ୍ରେରୀ ସମ୍ପାଦିକା ଭାବେ ଭାନୁମତି ପୁଜାରି, କୋଷାଧ୍ୟକ୍ଷ ଭି. ରାମାନୁଜ ପ୍ରସାଦଙ୍କୁ ବିଜୟୀ ଘୋଷଣା କରାଯାଇଛି।

# ରାୟଗଡ଼ାରେ ବ୍ରଜସୁନ୍ଦର ସଭାପତି, ରମେଶଚନ୍ଦ୍ର ସାଧାରଣ ସମ୍ପାଦକ



ରାୟଗଡ଼ା, ୨୮।୩(ସମିସ): ଆଜି ରାୟଗଡ଼ା ଓକିଲ ସଂଘ ସଭାପତି ପଦବୀ ପାଇଁ ନିର୍ବାଚନ ସମ୍ପନ୍ନ ହୋଇଯାଇଛି। ପୂର୍ବରୁ ଅନ୍ୟାନ୍ୟ ପଦବୀରେ ପ୍ରାର୍ଥୀ ମାନେ ନିଦ୍ୱର୍ନ୍ଦରେ ବିଜୟୀ ହୋଇଥିବା ବେଳେ ଆଜି କେବଳ ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ପଦବୀ ପାଇଁ ବରିଷ୍ଠ ଆଇନଜୀବୀ ତଥା ସଂଘର ତିନି ଥର ସଭାପତି ଦାୟିତ୍ୱ ତୁଲାଇଥିବା ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ ଓ ପୂର୍ବରୁ ଥରେ ସଭାପତି ଦାୟିତ୍ୱ ତୁଲାଇଥିବା ଆଇନଜୀବୀ ବିରଜା ପାତ୍ରଙ୍କ ମଧ୍ୟରେ ନିର୍ବାଚନ ମୈଦାନରେ କଡା ଟକ୍କର ହୋଇଥିବା ଦେଖିବାକୁ ମିଳିଥିଲା। ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ଓକିଲ ଉମା ମିଶ୍ର ଓ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ୱାଇ ଶ୍ରୀହରି, ରଜତ ରଞ୍ଜନ ଖଟୁଆ ଓ ସୋନୁ ପ୍ରଧାନ ପରିଚାଳନା କରିଥିଲେ। ଆଜିର ଏହି ନିର୍ବାଚନରେ ସଙ୍ଘର ୨୦୧ ଜଣ ଓକିଲ ଭୋଟ ଦେବାର ଥିବା ବେଳେ ୬ ଜଣ ଅନୁପସ୍ଥିତ ଥିଲେ ଏବଂ ୧୯୫ଜଣ ଓକିଲ ଭୋଟ ଦେଇଥିଲେ। ସେଥିମଧ୍ୟରୁ ବ୍ରଜ ସୁନ୍ଦର ନାୟକ ସର୍ବମୋଟ ୧୦୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ବିରଜା ପାତ୍ର ୮୬ ଖଣ୍ଡ ପାଇଁ ୧୯ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଛନ୍ତି। ସେହିପରି ନିର୍ବାଚନରେ ୪ ଖଣ୍ଡ ଭୋଟ ନାକଚ ହୋଇଯାଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଅପରାହ୍ନରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଉମା ମିଶ୍ର ଘୋଷଣା କରିଥିଲେ। ସୂଚନା ଯୋଗ୍ୟ, ଚଳିତ ବର୍ଷ ରାୟଗଡ଼ା ଓକିଲ ସଙ୍ଘର ନିର୍ବାଚନରେ ସାଧାରଣ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ପାଢ଼ୀ(ବୁନୁ), ଉପ-ସଭାପତି ଭାବେ ସୁଶାନ୍ତ କୁମାର ଖୋସଲା, କୋଷାଧ୍ୟକ୍ଷ ଭାବେ ବିସ୍ମୟ ପଟନାୟକ ଏବଂ ସହ-ସମ୍ପାଦକ ଭାବେ ଶୁଭକାନ୍ତ ବେହେରା ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ଆଜି ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ନିର୍ବାଚିତ ହେବା ପରେ ବ୍ରଜ ସୁନ୍ଦର ନାୟକ ଏହା ମୋର ବିଜୟ ନୁହେଁ ଆମ ସମସ୍ତ ଓକିଲଙ୍କ ବିଜୟ। ଓକିଲ ସଙ୍ଘର ବିଭିନ୍ନ ଅଭାବ ଅସୁବିଧା ରହିଛି ତାହା କିପରି ସମାଧାନ ହେବ ସେ ନେଇ କାମ କରିବି ବୋଲି କହିବା ସହିତ ସମସ୍ତ ଓକିଲମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାସ(ଟୁଟୁ), ଜଗନ୍ନାଥ ଦୋରା, ଦେବାଶିଷ ଖାଡ଼ଙ୍ଗା, ବିନାୟକ କରଙ୍କ ସମତେ ବହୁ ଆଇନଜୀବୀ ସଭାପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ସେମିଳିଗୁଡ଼ାରେ ସନ୍ତୋଷ ସଭାପତି



ସେମିଳିଗୁଡା, ୨୮।୩(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଓକିଲ ସଂଘର ନିର୍ବାଚନ ହୋଇଥିବା ବେଳେ ସନ୍ତୋଷ କୁମାର ଦାସ ସଭାପତି ଭାବରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ପିତାମ୍ବର ସାହୁ ସୂଚନା ମିଳିଛି। ସେମିଳିଗୁଡା ଓକିଲ ସଂଘ ନିର୍ବାଚନ ପାଇ ଶନିବାର ସକାଳରୁ ଭୋଟ ଗ୍ରହଣ ଆରମ୍ଭ ହେଇଥିଲା। ନିର୍ବାଚନରେ ୪୩ ସଭ୍ୟଙ୍କୁ ୪୧ ଯୋଗ ଦେଇଥିଲେ ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ନିର୍ବାଚନରେ ସଭାପତି ପଦ ପାଇଁ ସନ୍ତୋଷ କୁମାର ଦାଶ, କୃତିବାସ ରାଉତ ପ୍ରତିଦ୍ୱନ୍ଦି କରିଥିଲେ। ସଭାପତି ପାଇଁ କୃତ୍ତିବାସ ରାଉତ ୧୮ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସନ୍ତୋଷ ଦାସଙ୍କ ୨୩ ଭୋଟ ପାଇ ୫ ଖଣ୍ଡ ଅଧିକା ଭୋଟ ପାଇ ଚତୁର୍ଥ ପାଇଁ ବିଜୟ ହାସଲ କରିଛନ୍ତି। ସେମିଳିଗୁଡା ଓକିଲ ସଂଘର ସର୍ବ ମୋଟ ୪୩ ସଦସ୍ୟ ମତ ଦାନରରେ ଅଂଶ ଗ୍ରହଣ କରିବା ନେଇ ନିର୍ବାଚନ ଚାଲୁ ରହିଥିବା ବେଳେ ତନ୍ମଧ୍ୟରୁ ୪୧ ଜଣ ସଦସ୍ୟ ମତ ଦାନ କରିଥିବା ନିର୍ବାଚନ ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ସୂଚନା ଥାଉ କି ସଂଘ ପକ୍ଷରୁ କେବଳ ସଭାପତି ପଦ ନିମନ୍ତେ ନିର୍ବାଚନ ହୋଇଥିଲା। ସାଧରଣ ସମ୍ପାଦକ ପଦ ପାଇଁ ଚିତ୍ତରଞ୍ଜନ ମହାରଣା, ଯୁଗ୍ମ ସମ୍ପାଦକ ପାଇଁ ଶୁଭମ ଦଳେଇ ଓ କୋଷାଧ୍ୟକ୍ଷ ପାଇଁ ଅଶ୍ୱିନୀ କୁମାର ପଟ୍ଟନାୟକ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ୩ ପଦବୀ ପାଇଁ ଅନ୍ୟ କେହି ନାମାଙ୍କନପତ୍ର ଦାଖଲ କରି ନ ଥିବାରୁ ସେମାନେ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିଲେ।

## ଦୁଇ ଭାଇର ମାଡରେ ବଡ ଭାଇ ମୃତ

ନାରାୟଣପାଟଣା, ୨୮।୩(ସମିସ): ନିଶା ଆଉ ଏକ ପରିବାରକୁ ଉଜାଡିଦେଇଛି। ଦୁଇ ଭାଇଙ୍କ ମାଡରେ ନିଶାଶକ୍ତ ଅବସ୍ଥାରେ ଥିବା ବଡ ଭାଇର ମୃତ୍ୟୁ ହୋଇଛି। ଏଭଳି ଘଟଣା ନାରାୟଣପାଟଣା ଥାନା ଅନ୍ତର୍ଗତ ତେନ୍ତୁଳିପଦର ପଞ୍ଚାୟତର କେନ୍ଦୁମୁଣ୍ଡା ଗାଁରେ ଦେଖିବାକୁ ମିଳିଛି। ଭାଉଜକୁ ବଞ୍ଚେଇବାକୁ ଯାଇ ଦୁଇ ଭାଇ ମିଶି ବଡ଼ ଭାଇକୁ ଡେଙ୍ଗା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ବଡ଼ ଭାଇର ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି। ସନ୍ଦେହରେ ପରିବାର କିଛି ସଦସ୍ୟଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ କେନ୍ଦୁମୁଣ୍ଡା ଗାଁ ପାଲୁସୁ ହୁଇକା ମଦ୍ୟପାନ କରି ଘର ଆସିବା ପରେ ନିଜ ସ୍ତ୍ରୀ ସହ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଝଗଡ଼ା ଉଗ୍ରରୂପ ନେଇଥିଲା। ସ୍ତ୍ରୀକୁ ମାରଧର କରୁଥିବା ବେଳେ ପାଲସୁ ହୁଇକାର ଦୁଇ ଭାଇ ଲିଙ୍ଗରାଜ ହୁଇକା ଓ କାର୍ଲା ହୁଇକା ପ୍ରତିବାଦ କରିଥିଲେ। ଫଳସ୍ୱରୂପ ବଡ଼ ଭାଇ ସହ ଦୁଇ ସାନ ଭାଇ ଠେଲାପେଲା ହୋଇ ଝଗଡ଼ା କରିଥିଲେ। ନିଶାଶକ୍ତ ଥିବାରୁ ଝଗଡ଼ାଟି ହାତାହାତି ହୋଇ ହିଂସା ଆଡ଼କୁ ଗତି କରିଥିଲା। ଦୁଇ ଭାଇ ଠେଙ୍ଗା ସହ ଅନ୍ୟ ସାମଗ୍ରୀ ଧରି ବଡ ଭାଇକୁ ନିର୍ଧୁମ ପିଟିଥିଲେ। ଯାହା ଫଳରେ ରକ୍ତାକ୍ତ ଅବସ୍ଥାରେ ପାଲସୁ ହୁଇକା ପଡ଼ିଯାଇଥିଲା। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଓ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ଦୁଇ ଭାଇ। ଘଟଣା ବିଷୟରେ ପରିବାର ଲୋକେ ଥାନାକୁ ଆସି ଅଭିଯୋଗ କରିବା ପରେ ପୁଲିସ ସଦଳବଦଳ ହୋଇ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପଟେ ଆଜି ଶବ ବ୍ୟବଚ୍ଛେଦ କରି ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ମମତା ପଣ୍ଡା ସୁଚନା ଦେଇଛନ୍ତି।

## ହାଇୱା ଧକ୍କାରେ ଯୁବକ ମୃତ

ମୁନିଗୁଡା, ୨୮।୩(ସମିସ): ଅମ୍ବାଦଳା-ଭବାନୀପାଟଣା ରାସ୍ତା ଅମ୍ବାଦଳା ବଜାର ଉପରେ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଗାଡି ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଅମ୍ବାଦଳା ଥାନା ଅନ୍ତର୍ଗତ ଅମ୍ବାଦଳା-ଭବାନୀପାଟଣା ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ଏକ ହାଇୱା ଗାଡି ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିବାରୁ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ନୂଆପଡ଼ା ଥାନା ଅନ୍ତର୍ଗତ ରତିପାଲି ଗାଁର ଜଗଦୀଶ ମାଝୀ ବୋଲି ଜଣାପଡ଼ିଛି। ସେ କୌଣସି କାମରେ ଅମ୍ବାଦଳାକୁ ଆସିଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଅମ୍ବାଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱା ଗାଡିଟିକୁ ଜବତ କରିଥିବା ବେଳେ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇଛି। ସେପଟେ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିବା ବେଳେ ପରିବାର ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଟିକିରିରେ ଚାରି ପ୍ରହର ନାମ ସଂକୀର୍ତ୍ତନ

ଟିକିରି, ୨୮।୩(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ଜାମଗୁଡା ଠାରେ ଚାରି ପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ନାମ ସଂକୀର୍ତ୍ତନ ଶୁକ୍ରବାର ସକାଳୁ ୪ଟା ସମୟରେ ଆରମ୍ଭ ହୋଇ ସନ୍ଧ୍ୟା ୪ଟାରେ ଶେଷ ହୋଇଥିଲା ଏହାପରେ ଜାମଗୁଡା ତ୍ରୀନାଥ ମନ୍ଦିର ଠାରୁ ଆରମ୍ଭ ହୋଇ ଗୋକୁଳମୁଣ୍ଡା ତ୍ରୀନାଥ ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା ବାହାରିଥିଲା। ଏହି ପଦଯାତ୍ରାରେ ପୁରୁଷ ଓ ମହିଳା, ଯୁବକ ଯୁବତୀ ମିଶି ଏହି ଶୋଭାଯାତ୍ରାରେ ସାମିଲ ହେବା ସହ ରାମ ଧ୍ୱନିରେ କମ୍ପି ଉଠି ଥିଲା। ଟିକିରି ସରସ୍ୱତୀ ଶିଶୁମନ୍ଦିରଠାରେ ମଧ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିମାଞ୍ଚଳ ସତଙ୍ଗୀ ଓ ସମ୍ମାନିତ ଅତିଥି ମୁଗ୍ରା ମାଝୀ ଉପସ୍ଥିତ ରହି ଦିପ ପ୍ରଜଳନକରି ଛାତ୍ରଛାତ୍ରୀମାନଙ୍କୁ ପ୍ରଭୁ ରାମ ଚନ୍ଦ୍ରଙ୍କ ଉପରେ ଗୁଣଗାନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ସରୋଜିନୀ ନନ୍ଦ, ଉପସଭାପତି ନିରଞ୍ଜନ ନାୟକ, ସମ୍ପାଦକ ପଦ୍ମନାଭ ମହାନ୍ତି, ସହ ସମ୍ପାଦକ ସୁଜିତ ନାୟକ, ସଭ୍ୟ ମହେନ୍ଦ୍ରନ ସ୍ୱାଇଁ ଉପସ୍ଥିତ ଥିଲେ। କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ରାମ, ହନୁମାନ, ସୀତା, ବେଶଭୂସାରେ ସୁଜିତ କରାଯାଇଥିଲା।

## ନିଆଁ ଲାଗି ଜଳିଗଲା ଘର

### ବିଏଡ୍ ସାର୍ଟିଫିକେଟ ଓ ଲାପଟପ୍ ପୋଡି ପାଉଁଶ



ଲକ୍ଷ୍ମୀପୁର, ୨୮।୩(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ବନ୍ଧିକାର ଗାଁର ବେଲୋ ମିଣିଆକା ନାମକ ଜଣେ ବ୍ୟକ୍ତିଙ୍କ ଆଜବେଷ୍ଟ ଘରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଘର ପୋଡ଼ି ପାଉଁଶ ହୋଇଯାଇଛି। ସନ୍ଧ୍ୟାରେ ସମୟରେ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ନିଜ ଘରେ ଥିବା ବେଳେ ସ୍ତ୍ରୀ ବୁଲେଇ ମିଣିଆକା ଚା କରିବାକୁ ଗ୍ୟାସ ଲଗାଇଥିଲେ। ଗ୍ୟାସରୁ ନିଆଁ ବାହାରି ଘର ସାରା ବ୍ୟାପିଯାଇଥିଲା। ଅଗ୍ନୀଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବେଲୋ ମିଣିଆକାଙ୍କ ବଡ଼ ପୁଅ ପ୍ରବୀଣ ମିଣିଆକାଙ୍କ ସବୁ ସାର୍ଟିଫିକେଟ, ଲାପଟପ୍ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ଏଥିରେ ପ୍ରବୀଣଙ୍କ ମା' ଜଳି ଯାଇଥିବା ଯୋଗୁଁ ତାଙ୍କୁ ଲକ୍ଷ୍ମୀପୁର ମେଡିକାଲରେ ପ୍ରାଥମିକ ଚିକିତ୍ସା କଲା ପରେ ଅବସ୍ଥା ସଙ୍କଟାପନ୍ନ ହେବା ଯୋଗୁଁ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଆଇଆଇସି ସୁଜ୍ଞାନି ସାହୁ, ଏସଆଇ କିନ୍ତାଲୁ ରମେଶ ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରି ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେଇଥିଲେ। ପରିବାର ଲୋକଙ୍କୁ ବିଜେଡ଼ି କୋରାପୁଟ ଜିଲ୍ଲା ସଭାପତି ଝିନ୍ନ ହିକକା ଓ ତାଙ୍କ ଧର୍ମ ପତ୍ନୀ କୌଶଲ୍ୟା ହିକକା ମେଡିକାଲ୍‌ରେ ସାକ୍ଷାତ କରି ଆର୍ଥିକ ସହାୟତା ଓ ଜଳି ଯାଇ ଥିବା ସାର୍ଟିଫିକେଟ କିପରି ଫେରି ପାଇବେ ସେନେଇ ସହଯୋଗ କାରାଯିବ ବୋଲି କହିଛନ୍ତି।

## କୁନ୍ଦୁରା ଶିଶୁ ମନ୍ଦିରର ରଜତ ଜୟନ୍ତୀ

କୁନ୍ଦୁରା, ୨୮।୩(ସମିସ): କୁନ୍ଦୁରା ବ୍ଲକସଦର ମହକୁମା ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ରଜତ ଜୟନ୍ତୀ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସୁନାବେଡ଼ା



ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଉଷାରଣୀ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରଣୀସେନ ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ, ଅନୁଷ୍ଠାନ ପରିଚାଳନା କମିଟି ସଭାପତି ଭଗବାନ ମଲ୍ଲିକ, ସମ୍ପାଦକ ଅଜିତ କୁମାର ସାହୁ, ସରପଞ୍ଚ ଲବ ପରଜା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନ ସମାରୋହ ଆରମ୍ଭରେ ଅତିଥିମାନଙ୍କ ପକ୍ଷରୁ ଦେବାଦେବୀଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇଥିଲେ। ଏହାପରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଭଗବାନ ପାଢ଼ୀ ୨୫ ବର୍ଷର ଅନୁଭୂତି କଥା ଉପସ୍ଥାପନା କରିଥିଲେ। ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। କୁନ୍ଦୁରା ବ୍ଲକସ୍ତରରେ ଗୋଟିଏ ମାତ୍ର ଏହି ଅନୁଷ୍ଠାନ ରହିଥିବା ବେଳେ ଏଠାରେ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଭରତୀ ଏବଂ ଅଖିଳ ଭାରତୀ ଆନୁକୂଲ୍ୟରେ ଏହି ଅନୁଷ୍ଠାନ ୨୦୦୦ ମସିହା ସେପ୍ଟେମ୍ବର ମାସରେ ପ୍ରତିଷ୍ଠା ଲାଭ କରିଥିଲା। ବର୍ତ୍ତମାନ ଏହି ଅନୁଷ୍ଠାନରେ ଅରୁଣ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଆସନ୍ତା ଶିକ୍ଷା ବର୍ଷରୁ ଏଠାରେ ନବମ ଶ୍ରେଣୀ ଆରମ୍ଭ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ପାଠପଢ଼ା ସହ ଛାତ୍ରୀଛାତ୍ରଙ୍କ ପାଖରେ ସଂସ୍କାର ସମାଜ ଏବଂ ଦେଶ ଗଠନରେ ସହାୟକ ହୋଇପାରିବ ବୋଲି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କହିଛନ୍ତି।

## ଠେକୁଆ ଫାଶରେ ଲାଗି ଯୁବକ ମୃତ; ଜଣେ ଗିରଫ

କୋଷାଗୁମୁଡ଼ା, ୨୮।୩(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ଉମରଗାଁର ନିଧି ସମରଥଙ୍କ ପରିବା ବାଡ଼ରେ ଠେକୁଆ ଧରିବା ପାଇଁ ଲଗାଯାଇଥିବା କରେଣ୍ଟ ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ବଡାଗୁଡା ଗ୍ରାମର ଶଙ୍କର ନାୟକ(୧୮) ବୋଲି ଜଣାପଡ଼ିଛି। ସେ ଅଞ୍ଚଳା ଗ୍ରାମରେ ଚାଲିଥିବା ବାଲିଯାତ୍ରା ଦେଖିବାକୁ ଯାଇ ଫେରୁଥିବା ବେଳେ କୌଣସି କାରଣରୁ ଫାସ ଲାଗିଯାଇ ଘଟଣା ଉପରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପିତା କୋଷାଗୁମୁଡ଼ା ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଏସ୍‌ଡିପିଓ ସତ୍ୟଜିତ କଣ୍ଡେନକେଲ, ଏସଆଇ କୂଳଭୂଷଣ ନାୟକ ଏବଂ ଏଏସ ଆଇ ପର୍ଶୁରାମ ଛତରିଆ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ବିଗତ ରାତି ୧୦ଟାରେ ଶଙ୍କର ନାୟକ ଓ ସେହି ବଡାଗୁଡା ଗ୍ରାମର ଜଣେ ଝିଅ ସୋନ୍ତଷୀ ଚଲାଣ (୧୫) ମିଶି ଅଞ୍ଚଳା ଗ୍ରାମକୁ ବାଲିଯାତ୍ରା ଦେଖିବାକୁ ଯାଇଥିଲେ। ବାଲି ଯାତ୍ରା ଦେଖି ଫେରିବା ସମୟରେ ନିଧି ସମରଥଙ୍କ ପରିବା ବାଡ଼ରେ ଲାଗିଥିବା ଠେକୁଆ କରେଣ୍ଟ ଫାଶରେ ପଡ଼ିଯାଇଥିଲେ। ଘଟଣା ସ୍ଥଳରେ ଯୁବକ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଯୁବତୀ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ଏସଆଇ କୂଳଭୂଷଣ ନାୟକ ପରିବାର ଲୋକଙ୍କୁ ଶନିବାର ଅପରାହ୍ଣରେ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାରେ କେସ ନମ୍ବର ୫୧/୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ଠେକୁଆ କରେଣ୍ଟ ଫାଶ ଲଗାଇଥିବା ଜଣେ ଯୁବକକୁ ପୁଲିସ ଗିରଫ କରି ତଦନ୍ତ ଚଳାଇଥିବା ଏସ୍‌ଡିପିଓ ସତ୍ୟଜିତ କଣ୍ଡେନକେଲ ସୂଚନା ଦେଇଛନ୍ତି।

## ଆର୍‌ଟିଓ ଓ ପୁଲିସ ପକ୍ଷରୁ ସଚେତନତା

ଏମ୍‌ଭି-୭୯ (ସମିସ), ୨୮।୩: ଏମ୍‌ଭି ୭୯ ପୋଲିସ ଏବଂ ମାଲକାନଗିରି ଆର୍‌ଟିଓର ମିଳିତ ଭାବେ ଆଜି ଏମ୍‌ଭି-୭୯ ଗ୍ରାମ ୩୨୬ ନମ୍ବର ଜାତୀୟ ରାଜପଥଠାରେ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନତା କରାଯାଇଥିଲା। ମଦ୍ୟପାନ ନକରି ସର୍ବଦା ହେଲମେଟ ପିନ୍ଧି ଗାଡି ଚଳାଇବା, ନିୟମାନୁଯାୟୀ ଯାନର ବେଗ ରଖିବା ଏବଂ ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ଅବଲମ୍ବନ କରିବା ଫଳରେ ଦୁର୍ଘଟଣା ଏବଂ ଜୀବନ ରକ୍ଷା କରାଯାଇ ପାରିବ ବୋଲି କୁହାଯାଇଛି। ଲୋକଙ୍କୁ ସଚେତନ କରାଇ ଥିଲେ। ଏହି ଅବସରରେ ଏମ୍‌ଭି-୭୯ ପୋଲିସ ଉପସ୍ଥିତ ଥିଲେ। ଏମ୍‌ଭି ୭୯ ଗ୍ରାମ ବାସୀ ଏବଂ ସ୍ୱତନ୍ତ୍ର ଯୁବପିଢ଼ିକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଜିଠୁ ମା' ମଝିଘରିଆଣୀଙ୍କ ସୁନାବେଶ

ରାୟଗଡ଼ା, ୨୮।୩ (ସମିସ)





ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ସୁନାବେଶକୁ ରବିବାର ୨୯ ତାରିଖ ଠାରୁ ଭକ୍ତମାନେ ଦର୍ଶନ କରିବେ। ମାଁଙ୍କ ପୀଠାରେ ମାର୍ଚ୍ଚ ୨୯ତାରିଖ ରବିବାର ଠାରୁ ଆସନ୍ତା ଏପ୍ରିଲ ୨ ତାରିଖ ଗୁରୁବାର ପର୍ଯ୍ୟନ୍ତ ୫ଦିନ ବ୍ୟାପି ଚୈତ୍ର ପର୍ବ ଓ ଝାମୁଯାତ୍ରା ଧୁମଧାମରେ ପାଳନ କରାଯିବ। ଏନେଇ ଶନିବାର ଦିବା ସାଢେ ୧୧ଟା ପରେ ଦୀକ୍ଷା ଗ୍ରହଣ, ସଂଧ୍ୟା ୫ଟା

### ଚୈତ୍ର ପର୍ବ ଓ ଝାମୁଯାତ୍ରାକୁ ନେଇ ଚଳଚଞ୍ଚଳ ରାୟଗଡ଼ା

୧୫ମିନିଟରେ ଝଂଜାବତୀ ନଦୀରୁ ପବିତ୍ର ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ପୂର୍ବାହ୍ନରେ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ରାଇସିଂ ବିଡିକାଙ୍କ ସହିତ ସଦସ୍ୟ ଦେବେନ୍ଦ୍ରନାଥ ପ୍ରଧାନ, ଭି.ଶ୍ରୀନିବାସ ରାଓ, ପାଲକୋଣ୍ଡା ପ୍ରକାଶ, ମୁଖ୍ୟ ପୂଜକ ଚନ୍ଦ୍ରଶେଖର ବେରୁକ, ମନ୍ଦିର ଅଧୀକ୍ଷକ ଜାନକୀବଲ୍ଲଭ ମହାନ୍ତି, ହିସାବରକ୍ଷକ ଭେଙ୍କେଟେଶ୍ୱର ରାଓଙ୍କ ସମେତ ଅନ୍ୟମାନେ ଏବଂ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ମାଁଙ୍କ ସୁନାବେଶ ପାଇଁ ରାୟଗଡ଼ା ଟ୍ରେଜେରୀ କାର୍ଯ୍ୟାଳୟରେ ଥିବା ସୁନା ଅଳଙ୍କାରକୁ ମନ୍ଦିରକୁ ଅଣାଯାଇଥିଲା। ଏହା ପରେ ମାଁଙ୍କ ଆଙ୍କୁରାରୋପଣ କରାଯାଇ ମାଁଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଛି। ଚୈତ୍ର ପର୍ବରେ ସୁନାବେଶରେ ମାଁଙ୍କ ଦର୍ଶନ ଲାଭ କରିବା ପାଇଁ ହଜାର ହଜାର ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ ବୋଲି ମନ୍ଦିର ଟ୍ରଷ୍ଟି ରାଇସିଂ ବିଡିକା ପ୍ରକାଶ କରିଛନ୍ତି। ୨୯ ତାରିଖ ରବିବାର ସଂଧ୍ୟା ୬ଟା ୪୮ ମିନିଟ୍‌ରୁ ରାତ୍ର ୯ଟା ୧୭ ମିନିଟ ମଧ୍ୟରେ ମାଁଙ୍କ ପାଦ ଉଠାଣି ଏବଂ ଘଟ ସ୍ଥାପନ କରାଯିବା ପରେ ୩୦ ତାରିଖ ସୋମବାର ଠାରୁ ୨ ତାରିଖ ଗୁରୁବାର ପର୍ଯ୍ୟନ୍ତ ସଂଧ୍ୟା ୫ ଘଟିକା ଠାରୁ ରାତ୍ର ୯ଟା ୪୫ମିନିଟ ପର୍ଯ୍ୟନ୍ତ ମାଁଙ୍କ ଘଟ ଗ୍ରାମ ପରିକ୍ରମା କରାଯିବ। ଏଥିସହ ଗୁରୁବାର ୨ତାରିଖରେ ଅପରାହ୍ନ ୩ଟା ୨୭ ମିନିଟ ଠାରୁ ସଂଧ୍ୟା ୭ଟା ୨୫ମଧ୍ୟେ ମାଁଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ ଏବଂ ରାତ୍ର ସାଢେ ୮ଟାରୁ ରାତ୍ର ୧୧ଘଣ୍ଟା ମଧ୍ୟରେ ପୂଜକଙ୍କ କଣ୍ଟା ଦୋଳି ଝୁଲଣ ଏବଂ ଅଗ୍ନି ଗମନାଗମନ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ୨୯ ତାରିଖରେ ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ କାର୍ଯ୍ୟସୂଚୀ ଅନୁଯାୟୀ ମାଙ୍କ ପୀଠରେ ପ୍ରସିଦ୍ଧ ପଣ୍ଡିତମାନଙ୍କ ଦ୍ୱାରା କର୍ମାରମ୍ଭ, ସୂର୍ଯ୍ୟପୂଜା, ଶାଳପୂଜା, ଚଣ୍ଡିପାଠ, ମୁଖ୍ୟ ଦେବୀଙ୍କ ମହାସ୍ନାନ ପୂର୍ବକ ଷୋଡଶ ଉପଚାର ପୂଜା, ଆରତୀ ପୁଷ୍ପାଂଜଳୀ, କୁଣ୍ଡାଗ୍ନି ସଂସ୍କାର, ଚଣ୍ଡୀ ହୋମ, ତର୍ପଣ ଆରତୀ ଓ ପୁଷ୍ପାଞ୍ଜଳୀ ସହ ୩୦ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ଦିନ ମଧ ଉପରୋକ୍ତ ପୂଜା କାର୍ଯ୍ୟ ଅନୁଷ୍ଠିତ ହେବ ଏବଂ ଶେଷଦିନ ଝାମୁ ଅଗ୍ନି ପୂଜା ପରେ ପୂଜକ ଅଗ୍ନିରେ ଚାଲିବା ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

## ବିଭିନ୍ନ ପୀଠରେ ଶ୍ରୀରାମ ନବମୀ



ନବରଙ୍ଗପୁର, ୨୮।୩(ସମିସ): ନବରଙ୍ଗପୁର ସହର ଉପକଣ୍ଠରେ ଥିବା ବିଭିନ୍ନ ଶ୍ରୀରାମ ମନ୍ଦିର ପୀଠରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଆଜିର ଏହି ପବିତ୍ର ଦିନରେ ବଡି ଭୋରରୁ ମନ୍ଦିର ପୋହଡ ଖୋଲାଯିବା ପରେ ପ୍ରଥମେ ମଙ୍ଗଳ ଆରତୀ କରାଯାଇ ଶ୍ରୀରାମ ନବମୀ ପୂଜା ନୀତି ଆରମ୍ଭ ହୋଇଥିଲା। ପ୍ରାତଃ ୬ଟା ଠାରୁ ସହରର ବିଭିନ୍ନ ରାମ ମନ୍ଦିରରେ ବହୁ ବୃଦ୍ଧ ବୃଦ୍ଧା ମହିଳା ପୁରୁଷ ଯୁବକ ଯୁବତୀ ରାମ ଭକ୍ତଙ୍କ ପ୍ରବଳ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ସହର ମଧ୍ୟରେ ଥିବା ଚାମୁରିଆ ଗୁଡା ପଞ୍ଚମୁଖୀ ହନୁମାନ ମନ୍ଦିର, ପୌର ପରିଷଦ ନିକଟରେ ଥିବା ଶ୍ରୀରାମ ମନ୍ଦିର ଓ ହନୁମାନ ମନ୍ଦିର, ସହରର ସର୍ବ ପୁରାତନ ଶ୍ରୀରାମ, ହନୁମାନ ମନ୍ଦିର, ଭଣ୍ଡାର ଘରଣୀ ମନ୍ଦିର ନିକଟ ଶ୍ରୀରାମ ମନ୍ଦିର, ଦଳେଇ ସାହି ହନୁମାନ ମନ୍ଦିର, ଆର୍‌କେ କଲୋନୀ ହନୁମାନ ମନ୍ଦିର, ପିଡବ୍ଲୁଡି କଲୋନୀ ସ୍ଥିତ ହନୁମାନ ମନ୍ଦିର ସହିତ ସହର ଏବଂ ସହର ନିକଟବର୍ତ୍ତି ବହୁ ଶ୍ରୀରାମ ଓ ହନୁମାନ ମନ୍ଦିରରେ ମହା ଆଡମ୍ବରରେ ପାଳନ କରାଯାଇଥିଲା ଶ୍ରୀରାମ ନବମୀ ପୂଜା। ଏହି ପୂଜା ସମସ୍ତ ପୀଠରେ ଗୁଡିକରେ ଆଜିଠାରୁ ଆରମ୍ଭ ହୋଇ ଦୀର୍ଘ ୯ ଦିନ ଅର୍ଥାତ୍ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ମହାଆଡମ୍ବରରେ ପାଳନ କରାଯିବ। ଏହି ୯ ଦିନର ପୂଜା ସମୟରେ ପ୍ରତ୍ୟେକ ଦିନ ରାତ୍ର ସମୟରେ ସମସ୍ତ ପୀଠ ଗୁଡ଼ିକରେ ନାମ କୀର୍ତ୍ତନ, ଭଜନ ସନ୍ଧ୍ୟା ସହ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସିଥିବା ବହୁ ବିଜ୍ଞ ପ୍ରବଚକଙ୍କ ଦ୍ୱାରା ଶ୍ରୀରାମ କଥାମୃତ ଓ ପ୍ରବଚନ ଆୟୋଜନ କରାଯିବ। ଏହି ୯ ଦିନ ସମସ୍ତ ପୂଜା ନୀତି ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଓ ସଦସ୍ୟ ସମସ୍ତ ସହଯୋଗ କରିଥିବା ବେଳେ ନବରଙ୍ଗପୁର ଆଦର୍ଶ ଥାନା ପୋଲିସ ଅଧିକାରୀ ଏବଂ ମହିଳା ଓ ପୁରୁଷ କର୍ମଚାରୀ ଉପସ୍ଥିତି ରହି ଭିଡ ନିୟନ୍ତ୍ରଣ କରିଥିବାର ଦେଖିବାକୁ ମିଳିଥାଏ।

## ଆଜି ସହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ

# ବିକାଶଠୁ ବହୁଦୂରରେ ସହୀଦଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମା









**● ରାସ୍ତା, ପାଣି, ବିଜୁଳି ପାଇଁ ୭ ଖଣ୍ଡ ଗ୍ରାମବାସୀ କରୁଛନ୍ତି ସଂଘର୍ଷ**

**● ଜୟନ୍ତୀ ଓ ତୀରଧାନ ଦିବସ ପାଳି ପ୍ରତିଶ୍ରୁତି ଦେଇ ଚୁପ୍ ପ୍ରଶାସନ**

ବୈପାରୀଗୁଡା, ୨୮।୩(ସମିସ)

ମାର୍ଚ୍ଚ ୨୯ ତାରିଖ ତଥା ରବିବାର ସହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ। ଆଦିବାସୀ ସମାଜର ମଉଡମଣି ଅମର ସହୀଦ ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲାର ଗାନ୍ଧୀ ଭାବେ ପରିଚିତ। ମହାତ୍ମାଗାନ୍ଧୀଙ୍କ ଡାକରାରେ ଭାରତ ଛାଡ଼ ଆନ୍ଦୋଳନରେ ଉଦବୁଦ୍ଧ ହୋଇ କୋରାପୁଟ ମାଟିରେ ଆରମ୍ଭ କରିଥିଲେ ସ୍ୱାଧୀନତା ଆନ୍ଦୋଳନ। ଶହଶହ ଆଦିବାସୀଙ୍କ ନେତୃତ୍ୱ ନେଇ ସେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଲଢେଇ ଆରମ୍ଭ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ସ୍ୱପ୍ନ ଦେଖିଥିବା ଏହି ସଂଗ୍ରାମୀ ମାର୍ଚ୍ଚ ୨୯ ତାରିଖ ଦିନ ନିଜ ଜନ୍ମଭୂମି ପାଇଁ ହସି ହସି ଫାଶୀ ଖୁଣ୍ଟରେ ଝୁଲି ପଡ଼ିଥିଲେ। ପ୍ରତିବର୍ଷ ଏହି ଦିବସରେ ସହୀଦଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମା ପଞ୍ଚାୟତର ଗାଁ ଲୋକଙ୍କୁ ମାଳ ମାଳ ପ୍ରତିଶ୍ରୁତିରେ ପୋତି ଦେଇଥାନ୍ତି ପ୍ରଶ।ସନ ଓ ନେତା। କିନ୍ତୁ ଦିବସ ସରିବା ପରେ ସହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମା ପଞ୍ଚାୟତସଦରକୁ ଲାଗି ରହିଥିବା ସାବେରୀ ନଦୀ ଆରପଟେ ଥିବା ସାତ ଖଣ୍ଡ ଗାଁର ବିକାଶ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପ୍ରଶାସନ ଓ ନେତା ଭୁଲିଯାଉଛନ୍ତି। ଯାହାଫଳରେ ତେନ୍ତୁଳିଗୁମ୍ମା ପଞ୍ଚାୟତର ଏହି ସାତଖଣ୍ଡ ଗାଁ ଏବେ ବି ଅବହେଳିତ ହୋଇ ରହିଥିବା ବେଳେ ଏହି ଗାଁଗୁଡିକୁ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ସାବରୀ ନଦୀ ଆରପଟେ ଥିବା ସାତ ଖଣ୍ଡ ଗାଁରେ ଏବେ ବି ରାସ୍ତା, ପାଣି, ବିଜୁଳି ଭଳି ମୌଳିକ ସୁବିଧା ନାହିଁ। ସାବରୀ ନଦୀ ଉପରେ ପାଞ୍ଚ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପୋଲ ନିର୍ମାଣ ଆଜି ପର୍ଯ୍ୟନ୍ତ ସରୁନି। ବାଧ ହୋଇ ଜୀବନକୁ ବାଜି ଲଗାଇ ଭଙ୍ଗା ଡ଼ଙ୍ଗାରେ ଯାତାୟତ କରୁଛନ୍ତି ନଦୀ ଆରପଟେ ଥିବା ଗ୍ରାମବାସୀ। ସମସ୍ୟାରେ ବୁଡିରହି ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ସଂଗ୍ରାମୀଙ୍କ ମାଟି ତେନ୍ତୁଳିଗୁମ୍ମାର ଲୋକେ। ଏହି ପଞ୍ଚାୟତର ସବୁଠୁ ବଡ଼ ଦୁର୍ଭାଗ୍ୟ ହେଉଛି ବୈପାରିଗୁଡା ସଦର ମହକୁମା ଯାଏ ପହଞ୍ଚିବା ପାଇଁ ସିଧାସଳଖ ରାସ୍ତାଟିଏ ନାହିଁ। ବ୍ଲକ ସଦର ମହକୁମା ଯାଏ ଆସିବା ପାଇଁ ପଞ୍ଚାୟତବାସୀଙ୍କୁ ମାଲକାନଗିରି ଜିଲ୍ଲା ଗବିନ୍ଦପାଲି ଦେଇ ପ୍ରାୟ ୮୦ କିଲୋମିଟର ବାଟ ଆସିବାକୁ ପଡ଼ିଥାଏ। ଯାହାଫଳରେ ଦିନକର କାମ ପାଇଁ ସେମାନଙ୍କୁ ତିନିଦିନ ନଷ୍ଟ କରିବାକୁ ପଡ଼ିଥାଏ। ତେନ୍ତୁଳିଗୁମ୍ମା ଠାରୁ ଦଣ୍ଡାବାଡି ଦେଇ ବୈପାରିଗୁଡା ଯାଏ ରାସ୍ତାଟିଏ ନିର୍ମାଣ କରିବା ପାଇଁ ବହୁବାର ଦାବି ପରେ ଏକ ପୋଲର ବ୍ୟବସ୍ଥା କରାଯାଇଛି। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ଅଧାପନ୍ତରିଆ। ପ୍ରଶାସନର ଉଦାସୀନତା ହେତୁ ଏହି ପୋଲ ନିର୍ମାଣ ମଧ୍ୟ ମନ୍ଥର ଗତିରେ ଚାଲିଛି। ତେନ୍ତୁଳିଗୁମ୍ମା ସମେତ ଆଖପାଖ ଗ୍ରାମ ଗୁଡ଼ିକର ବହୁବିଦ୍ଧ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି କାହାର ନଜର ନାହିଁ। ସାବରୀ ନଦୀ ଆରପଟେ ଥିବା ସାତ ଖଣ୍ଡ ଗାଁ ଲୋକଙ୍କ ଭରା ନଇ ପାର ହେବା ପାଇଁ ଦେଶୀ ଡ଼ଙ୍ଗା ଏକ ମାତ୍ର ଭରସା। ଜୀବନଙ୍କୁ ବାଜି ଲଗାଇ ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଡ଼ଙ୍ଗାରେ ନଦୀ ପାର ହେଉଛନ୍ତି ଗ୍ରାମବାସୀ। ଭଙ୍ଗା ଡ଼ଙ୍ଗାରେ ପାଣି ଭରିଯାଉଥିଲେ ମଧ୍ୟ ବାଧ ହୋଇ ନଦୀ ପାର ହେବାକୁ ପଡୁଛି ବୋଲି କହିଛନ୍ତି ମାଙ୍କଡ଼ପାଣି ଗାଁର ପୀତବାସ ଜିରାମ, ମଧୁପୁର ଗାଁର ସନୁ ଦଳପତି, ଦଣ୍ଡାବାଡ଼ି ଗାଁର ଆଦ୍ରୀୟ ବାରିକ ଏବଂ ସ୍ଥାନୀୟ ଶିକ୍ଷକ ପ୍ରଭାତ କୁମାର ମହାନ୍ତି। ତେନ୍ତୁଳିଗୁମ୍ମା ନଦୀ ଆରପଟେ ଥିବା ସାତ ଖଣ୍ଡ ଗାଁ ତଥା ଭେଜିନିଗୁଡା, ମାଛାଗୁଡା, ମାଟିଗୁଡା, କଣ୍ଟା ବାଉଁସିଆଗୁଡା, ମାଙ୍କଡପାଣି ଆଦି ଗାଁରେ ମୌଳିକ ସୁବିଧା ପହଞ୍ଚି ନାହିଁ। ଯିବା ପାଇଁ ନିତିଦିନିଆ ରାସ୍ତା ଖଣ୍ଡିଏ ନାହିଁ। ପିଇବା ପାଇଁ ପାଣି ନାହିଁ। ନଳକୂପ ଅଛି କିନ୍ତୁ ପାଣି ବାହାରୁନି। ସୋଲାର ପାଣି ପମ୍ପ ଅଛି କିନ୍ତୁ ଆରମ୍ଭରୁ ଅଚଳ। ବାଧ ହୋଇ କିଛି ମହିଳା ନଦୀ ପାଣି ଉପରେ ଭରସା କରନ୍ତି ତ ଆଉ କିଛି ଲୋକେ ଚୁଆଁ ପାଣି ବ୍ୟବହାର କରନ୍ତି। ସଞ୍ଜ ହେଲେ ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍ଧାରରେ ରହୁଛନ୍ତି ଗ୍ରାମବାସୀ। ପ୍ରଶାସନ ତରଫରୁ ସୋଲାର ଦିଆଯାଇଛି କିନ୍ତୁ ସେ ସବୁ କାମରେ ଆସୁନି। ଡିବିରି ଆଲୁଅରେ ବିତିଯାଏ ଜୀବନ। ତେନ୍ତୁଳିଗୁମ୍ମାରେ ଶିକ୍ଷା ବ୍ୟବସ୍ଥା ବି ଦୟନୀୟ। ଏହି ପଞ୍ଚାୟତରେ ହାଇସ୍କୁଲ ବ୍ୟବସ୍ଥା ନାହିଁ। ଅଷ୍ଟମ ଶ୍ରେଣୀ ସରିବା ପରେ ପିଲା ପାଠ ଛାଡୁଛନ୍ତି। ଯାହାକି ଡ୍ରପଆଉଟ ସଂଖ୍ୟା ବଢୁଛି। ଏହି ସମସ୍ତ ସମସ୍ୟା ବିଷୟରେ ଅବଗତ କଲେବି କେହି ଶୁଣୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ୱାର୍ଡ ସଭ୍ୟ କାଶୀନାଥ ଚଲାଣ, ଭେଜିନିଗୁଡାର ରାଜମଣି ସୌଡରିଆ, ମାଛାଗୁଡାର ସୋମନାଥ ନାୟକ, ଡମୁଣି ଭୂମିଆ, ବୁଦେଇ ପୂଜାରୀ, ଶୁକ୍ରା ଭୂମିଆ, ଦଶରଥ ଜିରାମ, ନୀଲା ବିଶୋଇ। ଏପରି ସ୍ଥଳେ ବର୍ଷକରେ ମାତ୍ର ଦୁଇ ଦିନ ପାଇଁ ସହିଦ୍ ଲକ୍ଷ୍ମଣ ନାୟକ ସମସ୍ତଙ୍କୁ ମନେ ପଡ଼ିଥାନ୍ତି। କେବଳ ଜନ୍ମତିଥି ଏବଂ ଫାଶୀ ଦିବସ ଅବସରରେ ବ୍ଲକ ପ୍ରଶାସନ ତେନ୍ତୁଳିଗୁମ୍ମାଠାରେ ପହଞ୍ଚି ଥାଏ। ପ୍ରଶାସନ ଏହି ଦୁଇ ଦିନ ତେନ୍ତୁଳିଗୁମ୍ମାଠାରେ ପହଞ୍ଚିଲେ ପଞ୍ଚାୟତବାସୀ ବହୁ ସମସ୍ୟା ଉପସ୍ଥାପନ କଲାପରେ ସେମାନଙ୍କୁ କେବଳ ପ୍ରତିଶ୍ରୁତି ଦେଇ ସନ୍ତୁଷ୍ଟ କରିଦିଆଯାଏ। କିନ୍ତୁ ସେହି ପ୍ରତିଶ୍ରୁତି କାର୍ଯ୍ୟରେ ପରିଣତ ହୋଇନଥାଏ। ରାଜ୍ୟସ୍ତରୀୟ ଜନ୍ମଦିବସ ଏବଂ ଫାଶୀ ଦିବସ ରାଜଧାନୀ ଭୁବନେଶ୍ୱର ଠାରେ ଖୁବ୍ ଯାକଜମକରେ ପାଳନ କରାଯାଉଥିବା ବେଳେ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ ଅନ୍ଧାର ଭିତରେ ଯନ୍ତ୍ରଣାଦାୟକ ଜୀବନଯାପନ କରିବା ସହିଦଙ୍କ ପ୍ରତି ଉପହାସ ବୋଲି ସ୍ଥାନୀୟ ସରପଞ୍ଚ ମନ୍ମତି ନାୟକ ମତ ପ୍ରକାଶ କରିଛନ୍ତି।

## ଡ୍ରେନ୍ ଉପରେ ଚଢ଼ିଗଲା ହାଇୱା; ଅଳ୍ପକେ ବର୍ତ୍ତିଲେ ପରିବାର

ମାଥିଲି, ୨୮।୩(ସମିସ): ଡ୍ରେନ ଉପରେ ଚଢ଼ିଗଲା ହାଇୱା। ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ପାଙ୍ଗାମଠାରେ ଏପରି ଘଟଣା ଦେଖିବାକୁ ମିଳିଛି।



ରାତିରେ ବାଲି ନେବା ପାଇଁ ମାଲକାନଗିରିରୁ ପାଙ୍ଗାମ ଅଭିମୁଖେ ଆସୁଥିବା ବେଳେ ହାଇୱାଟି ଏକ ଡ୍ରେନ୍ ଉପରକୁ ଚଢ଼ିଯାଇଥିଲା। ତେବେ ଡ୍ରେନ୍‌କୁ ଲାଗି ରହିଥିବା ଘରେ ଶୋଇଥିବା ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହାଇୱାର ପଛର ଚକ ଖୋଲିଯାଇଥିବା ବେଳେ ଡ୍ରେନ୍‌ର ସିମେଣ୍ଟ ପ୍ଲେଟ୍ ଭାଙ୍ଗିଯାଇଛି। ଡ୍ରାଇଭରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ସମ୍ମୁଖରେ ଥିବା ଘର ଅଳ୍ପକେ ବର୍ତ୍ତି ଯାଇଛି।

## ମା’ ଜଗତଜନନୀ ୱେଲଫେର ଆସୋସିଏସନ ଟ୍ରକ୍ ମାଲିକ ସଂଘ ଉଦ୍‌ଘାଟିତ

ଜୟପୁର, ୨୮।୩(ସମିସ): କୋରାପୁଟ ଜିଲ୍ଲା ଜୟପୁରରେ ନୂତନ ଭାବେ ମା ଜଗତଜନନୀ ୱେଲଫେର ଆସୋସିଏସନ ନାମରେ ନୂତନ ଟ୍ରକ୍ ମାଲିକ ସଂଘ ଆଜିଠାରୁ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ତେଲିଗୁଡାଠାରେ ନୂତନ ସଂଘର କାର୍ଯ୍ୟାଳୟକୁ ମୁଖ୍ୟଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ନୂତନ



ସଂଘ ଗଠନ କରିବା ଯଥାର୍ଥତା ରହିଛି ବୋଲି କହିଥିଲେ। ଟ୍ରକ ସଂଘ ନାମରେ ଅନ୍ୟାନ୍ୟ ସଂଘର ଅପରାଧି ଏବଂ ଗଞ୍ଜେଇ ମାଫିଆ ମାନେ ବିଭିନ୍ନ ପଦପଦବୀ ରହିବା ଦ୍ୱାରା ସଂଘର ବଦନାମ ହେବା ସହିତ ଅନ୍ୟାନ୍ୟ ନିରୀହ ଟ୍ରକ ମାଲିକମାନେ ସମସ୍ୟାରେ ସମ୍ମୁଖିନ ହେଉଛନ୍ତି। ଟ୍ରକ ସଂଘ ମାଲିକ ମାନେ ଆର୍ଥିକ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତେଣୁ ଏହି ନୂତନ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଶୁଭକାମନା ଜଣାଇବା ସହିତ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଯୋଗଦେଇ ଟ୍ରକ୍ ଚଳାଚଳ ପାଇଁ ଡ୍ରାଇଭରମାନେ ମୁଖ୍ୟ ଅଟନ୍ତି। ତେଣୁ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ମଟରଯାନ ଏବଂ ଟ୍ରାଫିକ ନିୟମକୁ ମାନିବାକୁ ଅନୁରୋଧ କରିବା ସହିତ କୌଣସି ସମସ୍ୟା ହେଲେ ପୁଲିସ ସୁରକ୍ଷା ଦେବାକୁ ପ୍ରସ୍ତୁତ ରହିଛି ବୋଲି କହିଥିଲେ। ଏହି ଅବସରରେ ନୂତନ ସଂଘର ସଭାପତି ବାବୁଲା ନାୟକ, ଉପଦେଷ୍ଟା ହିତେଶ ଜୈନ, ଉପସଭାପତି ଲୋକେଶ୍ୱର ରାଓ, ସମ୍ପାଦକ ଦିନବନ୍ଧୁ ବିଶୋୟୀ, ଯୁଗ୍ମ ସମ୍ପାଦକ ରାଜେଶ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସରୋଜ ନାୟକ, ଆଇନ ପରାମର୍ଶଦାତା ଜୟନ୍ତ ସାନ୍ତ୍ରା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## କୂଆପଥର ବର୍ଷା ଉଜାଡିଦେଲା ଫସଲ

# ୩୦ ଏକର ଜମିରେ ପରିବା ଚାଷ ନଷ୍ଟ



ବୈପାରୀଗୁଡା, ୨୮।୩(ସମିସ): କୂଆପଥର ବର୍ଷା ଉଜାଡ଼ିଦେଲା ପରିବା ଚାଷ। ନଷ୍ଟ ହୋଇଛି ୩୦ ଏକର କ୍ଷେତର ପରିବା ଚାଷ। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତର ଗତନଗୁଡାରେ ପନ୍ଦର ପରିବା ଚାଷୀଙ୍କ ପରିବା ଚାଷ ନଷ୍ଟ ହୋଇଛି। ଗତକାଲି ବୈପାରୀଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁଆ ପଥର ବର୍ଷା ହୋଇଥିଲା। ଗତନଗୁଡା ଗାଁର ପ୍ରାୟ ସମସ୍ତେ ଚାଷୀ ପରିବା ଚାଷ କରି ସେମାନଙ୍କ ଗୁଜୁରାଣ ମେଣ୍ଟାଇଥାଆନ୍ତି। ଫୁଲକୋବି, ବନ୍ଧାକୋବି ବାଇଗଣ, ଟମାଟୋ ଓ ଶାଗ ଫସଲ କରିଥିଲେ। ଆଉ ମାତ୍ର ୧୦ରୁ ୧୫ ଦିନ ଯାଇଥିଲେ ପରିବା ବଜାରରେ ବିକ୍ରି ହୋଇଥାଆନ୍ତା। ହେଲେ କାଳବୈଶାଖୀ କୁଆପଥର ବର୍ଷା ଯୋଗୁଁ ଫସଲ ନଷ୍ଟ ହୋଇଯାଇଛି। କୋବି ଗଛ ଝାଉଁଳି ପଡ଼ିଥିବା ବେଳେ ବାଇଗଣ, ଟମାଟ କ୍ଷେତରେ ପଚିଶଢ଼ି ଯାଇଛି। ଗାଁ ର ସର୍ବ ମଙ୍ଗଳା, ଓ ମା ସାରଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଗ୍ରୁପ ଲୋନ କାରି ୩ ଲକ୍ଷ ଲେଖାଏଁ ବ୍ୟାଙ୍କରୁ ଟଙ୍କା ଆଣି ଚାଷ କରିଥିଲେ। ହେଲେ ଏବେ ସବୁ ପରିବା ନଷ୍ଟ ହୋଇଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି ଗତନଗୁଡା ଚାଷୀ। ଅନ୍ୟପଟେ ଏନେଇ ସ୍ଥାନୀୟ ସହକାରୀ ଉଦ୍ୟାନ କୃଷି ଅଧିକାରୀ ତିଲଚନ ପାଢ଼ୀଙ୍କୁ ପଚାରିବାରୁ ଯାହାର ଚାଷ ନଷ୍ଟ ହୋଇଛି ସେମାନେ ନିୟମ ଅନୁଯାୟୀ ଆବେଦନ କଲେ ସରକାରୀ ସହାୟତା ପାଇବେ ବୋଲି କହିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମକ୍ ଡ୍ରିଲ୍

ମାଲକାନଗିରି, ୨୮।୩(ସମିସ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଅଗ୍ନିଶମ ନିରାପତ୍ତା ସଚେତନତା ଓ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଗ୍ନିକାଣ୍ଡ ଭଳି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା କରିବା ଏବଂ ରୋଗୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡିଏମ୍‌ଓ ଇନ୍‌ଚାର୍ଜ ଡା. ସପନ କୁମାର ଦିଣ୍ଡା, ନର୍ସିଂ ସୁପରିଟେଣ୍ଡେଣ୍ଟ ସଞ୍ଜୁଲତା ସେଠୀ ଏବଂ ହସ୍ପିଟାଲ ମ୍ୟାନେଜର ବିଶ୍ୱଜିତ୍ ପୃଷ୍ଟି ଉପସ୍ଥିତ ରହି କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଫାୟାର ସୁପରଭାଇଜରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଭ୍ୟାସରେ



ଅଗ୍ନିଶମ ଯନ୍ତ୍ରପାତିର ସଠିକ୍ ବ୍ୟବହାର ଏବଂ ସଙ୍କଟ ସମୟରେ ରୋଗୀମାନଙ୍କୁ କିଭଳି ନିରାପଦରେ ସ୍ଥାନାନ୍ତର କରାଯିବ, ସେନେଇ ପ୍ରାୟୋଗିକ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ନର୍ସିଂ ଅଫିସର ଇନଚାର୍ଜ, ଆଇସିୟୁ କର୍ମଚାରୀ, ଅକ୍ସିଜେନ୍ ପ୍ଲାଣ୍ଟ ଅପରେଟର, ସୁରକ୍ଷା କର୍ମୀ, ସଫେଇ କର୍ମଚାରୀ ଏବଂ ରୋଷେଇ ଶାଳ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ। ହସ୍ପିଟାଲ ପରି ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ କର୍ମଚାରୀଙ୍କୁ ଦକ୍ଷ କରିବା ଦିଗରେ ଏହି ମକ୍ ଡ୍ରିଲ୍ ବେଶ୍ ସହାୟକ ହେବ ବୋଲି ଡାକ୍ତର ଦିଣ୍ଡା ମତ ପ୍ରକାଶ କରିଛନ୍ତି।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ

# ‘ଲୁକ୍କାୟିତ ପ୍ରତିଭାର ବିକାଶ କରେ ବାର୍ଷିକ ଉତ୍ସବ ମଞ୍ଚ’

କୋରାପୁଟ, ୨୮।୩(ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବାର ଏକ




ମଞ୍ଚ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସେଣ୍ଟର ଅଫ୍ ଏକ୍ସେଲେନ୍ସ ଫର୍ ଷ୍ଟଡିଜ୍ ଇନ୍ କ୍ଲାସିକାଲ୍ ଓଡିଆର ପୂର୍ବତନ ନିର୍ଦ୍ଦେଶକ ତଥା ଶିକ୍ଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇ ଉତ୍ସବକୁ ବିଶ୍ୱବିଦ୍ୟାଳୟର ପ୍ରଗତି ମାପିବାର ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନେଭାଲ୍ ଆମ୍ୟୁନିସନ୍ ଡିପୋ ସୁନାବେଡାର ମହାପ୍ରବନ୍ଧକ ମନମୋହନ ଗୋୟାଲ୍ ଯୋଗଦେଇ ରକ୍ଷା ଓ ଶିକ୍ଷା ଏକା ଭାବେ ଆଗକୁ ବଢ଼େ। ସିୟୁଓ ଓ ଏନଏଡି ଦେଶର ଉନ୍ନତି ପାଇଁ ମିଶି କାମ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ କୋଟ୍ସର ନିର୍ଦ୍ଦେଶକ ପ୍ରଫେସର ପି.ସି. ମହାପାତ୍ର, ସୁନାବେଡା ପୌରପରିଷଦର ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର ଏବଂ କୋବ୍ରା ବ୍ୟାଟାଲିଅନ୍‌ର ସହାୟକ କମାଣ୍ଡାଣ୍ଟ ବିବେକ ରାଜବଂଶ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଶ୍ରୀ ଦୁର୍ଯ୍ୟୋଧନ ସେଠୀ ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତିରେ ସ୍ୱାସ୍ଥ୍ୟ ଓ ସୁସ୍ଥତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡିନ୍ ଷ୍ଟୁଡେଣ୍ଟସ୍ ୱେଲଫେୟାର୍ ଓ କାର୍ଯ୍ୟକ୍ରମର ସମନ୍ୱୟକ ଡା. ରମେନ୍ଦ୍ର କୁମାର ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳସଚିବ ଡା. ରାକେଶ କୁମାର ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପଦକ ପ୍ରଦାନ କରାଯାଇଥିଲା। ଡା. ସୌରଭ ଗୁପ୍ତାଙ୍କ ନିର୍ଦ୍ଦେଶନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିଭୋର କରିଥିଲା।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଲାଗି ବଳଦ ମୃତ

ବନ୍ଧୁଗାଁ, ୨୮।୩(ସମିସ): ବନ୍ଧୁଗାଁ ଥାନା ପରିସରରେ ଥିବା ଖୋଲା ବିଦ୍ୟୁତ ଟ୍ରାନ୍ସଫର୍ମର ଏର୍ଥିରେ ଲାଗି ବଳଦର ମୃତ୍ୟୁ ହୋଇଯାଇଛି। ଗତକାଲି ବନ୍ଧୁଗାଁ ଗ୍ରାମର ଭାସ୍କର ଶାଉଲପିଲିଙ୍କ ବଳଦ ଥାନା ଭିତରକୁ ଘାସ ଖାଇବାକୁ ଯାଇଥିବା ବେଳେ ବିଦ୍ୟୁତ ଟ୍ରାନ୍ସଫର୍ମର ଏର୍ଥିଙ୍ଗରେ ଲାଗିଯିବାରୁ ବଳଦର ମୃତ୍ୟୁ ହୋଇଥିଲା। ମୃତ ବଳଦର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କା ହୋଇଥିବା ବେଳେ ବଳଦର ମାଲିକ ମୁଣ୍ଡରେ ହାତ ଦେଇ ବସିଛି। ଗୋ ପାଳକ ଜଣକ ବଳଦର ଇନ୍ସୁରେନ୍ସ କରି ନ ଥିବାରୁ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ମୁକ୍ତିକାନ୍ତ ସେଠୀ ସରକାରଙ୍କ ତରଫରୁ କିଛି ମଧ୍ୟ କ୍ଷତି ପୂରଣ ମିଳି ପାରିବ ନାହିଁ ବୋଲି ଜଣାଇ ଥିଲେ। ଟ୍ରାନ୍ସଫର୍ମର ତଳେ ଥିବା ଏର୍ଥିଙ୍ଗରେ କିପରି ବିଦ୍ୟୁତ ସଂଯୋଗ ହୋଇଥିଲା ବୋଲି ପ୍ରଶ୍ନ ଉଠିଥିବା ବେଳେ ବିଦ୍ୟୁତ ବିଭାଗ ଅବହେଳା ଯୋଗୁଁ ନିରୀହ ବଳଦର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ ପାଇଁ ସ୍ଥାନୀୟବାସୀନ୍ଦା ଦାବି କରିଛନ୍ତି।

## ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ମଝିର ହ୍ୟୁମ୍ ପାଇପ୍

କଲ୍ୟାଣସିଂହପୁର, ୨୮।୩(ସମିସ): କଲ୍ୟାଣସିଂହପୁର ଓ କୃଷ୍ଣ ପାତ୍ରଗୁଡା ରାସ୍ତା ମଝିରେ ହ୍ୟୁମ୍ ପାଇପ ପକାଇ ଠିକାଦାର ଚାଲିଯାଇଥିବା ବେଳେ ତାହା ଏବେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ହ୍ୟୁମ୍ ପାଇପ୍ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଆହାତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ନାରାୟଣପୁର ଓ କରପା ପଞ୍ଚାୟତକୁ ସଂଯୋଗ କରୁଥିବା ଆରଡ଼ି ବିଭାଗର ରାସ୍ତା ନିର୍ମାଣ ମାର୍ଚ୍ଚ ମାସରେ ଆରମ୍ଭ କରାଯାଇଛି। ଯାହାକି ଠିକାଦାର ଓ ବିଭାଗ ମଧ୍ୟରେ ମଧ୍ୟସ୍ଥି ହୋଇ କାର୍ଯ୍ୟ କରି ହରିଲୁଟ କରିବା ପାଇଁ ଏକ ସୁଯୋଗ ବୋଲି ଚର୍ଚ୍ଚା ହେଉଛି। ରାସ୍ତା କାର୍ଯ୍ୟ ଆରମ୍ଭରେ କର୍ଲଭେଟ ନିର୍ମାଣ ପାଇଁ ପାଇପ୍ ପକାଇବା ପରେ ରାସ୍ତା ନିର୍ମାଣ କରାଯାଇଥାଏ। କିନ୍ତୁ ରାସ୍ତା ଉପରେ ଠିକାଦାର ହ୍ୟୁମ୍ ପାଇପ୍ ପକାଇ ଦେଇ ଚାଲି ଯାଇଥିବାରୁ ଲୋକେ ଯାତାୟାତରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏମିତିକି ରାତ୍ର ହେଲେ ବାଇକ ଓ ଚାରି ଚକିଆ ଯାନ ଦୁର୍ଘଟଣାରେ ଶିକାର ହୋଇ ଗୁରୁତର ହେଉଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ପାଇପ ଉଠାଇବା ସହ ଶୀଘ୍ର କର୍ଲଭେଟ କାର୍ଯ୍ୟ ଆରମ୍ଭ କରିବା ପାଇଁ ସାଧାରଣରେ ଦାବି ହୋଇଛି।

**● ଯୁବକଙ୍କ ଉନ୍ମତ୍ତକାଣ୍ଡ**

## ବିବାହିତା ମହିଳାଙ୍କ ପାଇଁ ମୋବାଇଲ ଟାୱାରରେ ଚଢ଼ିଗଲେ



ମାଲକାନଗିରି, ୨୮।୩(ସମିସ): ମାଲକାନଗିରି ଜିଲ୍ଲାରେ ଜଣେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଏକ ତିନି ଛୁଆର ମା’ଙ୍କ ସହ ଦୀର୍ଘ ଦିନ ଧରି ସମ୍ପର୍କ ରଖିଥିବା ବେଳେ ତାଙ୍କୁ ପାଇବା ପାଇଁ ଜଣେ ଆଦିବାସୀ ଯୁବକ ଏକ ମୋବାଇଲ ଟାୱାର ଉପରେ ଚଢ଼ିଯାଇଥିଲେ। ଏଭଳି ଦୃଶ୍ୟ ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସିଙ୍ଗରାଜଖୁଣ୍ଟା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ଆଡମା ମାଡକାମି ନାମକ ଜଣେ ଯୁବକ ଆସି ସେହି ଗ୍ରାମର ଜଣେ ବିବାହିତା ଯୁବତୀଙ୍କୁ ବାହା ହେବେ ବୋଲି ଦାବି କରିଥିଲେ। ତାଙ୍କୁ ବାହା ନ ହେଲେ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ଶେଷରେ ନିକଟରେ ଥିବା ମୋବାଇଲ ଟାୱାର ଉପରେ ଚଢ଼ି ଫିଲ୍ମ ଷ୍ଟାଇଲ୍‌ରେ ନିଜ ପ୍ରେମିକାକୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ। ତେବେ ସେହି ଗ୍ରାମର ଲୋକମାନେ ଏନେଇ ପଡ଼ିଆ ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପ୍ରାୟ ୩ ଘଣ୍ଟାର ପରିଶ୍ରମ କରି ଯୁବକ ଜଣଙ୍କୁ ତଳକୁ ଓହ୍ଲାଇ ଆଣିବାରେ ସଫଳ ହୋଇଥିଲା। ତଥାପି ଯୁବକ ନିଜ ଜିଦ୍‌ରେ ଅଟକ ରହିଥିବା ବେଳେ ଯେକୌଣସି ପରିସ୍ଥିତିରେ ମଧ୍ୟ ତାଙ୍କ ପ୍ରମିକାକୁ ସେଠାରୁ ନେବ ବୋଲି ଧମକ ଦେଇଥିଲେ। ପରେ ସେହି ଅଞ୍ଚଳର କିଛି ଜନସାଧାରଣ ଓ ଯୁବକମାନେ ତାକୁ ବୁଝାସୁଝା କରିବା ପରେ ସେ ସେଠାରୁ ଚାଲି ଯାଇଥିଲା।

# ବନ ସୁରକ୍ଷା ସମିତି ଗୃହ ନିର୍ମାଣରେ ଚଞ୍ଚକତା

କୁନ୍ଦୁରା, ୨୮।୩(ସମିସ)

ବନ ସୁରକ୍ଷା ସମିତି ଗୃହ ନିର୍ମାଣ କାର୍ଯ୍ୟରେ ଚଞ୍ଚକତା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କୁନ୍ଦୁରା ବନ ବିଭାଗ ବିରୁଦ୍ଧରେ ଆସିଛି। ଅଭିଯୋଗ ଅନୁଯାଇ, ୨୦୨୪-୨୫ ଆର୍ଥିକ ବର୍ଷରେ ଆସନା ପଞ୍ଚାୟତ ସଦର ମହକୁମାଠାରେ ଆଠ ଲକ୍ଷ ପଚାଶ ହଜାର ଟଙ୍କା ଅଟକଳରେ ନିର୍ମାଣ ନେଇ କାର୍ଯ୍ୟାଦେଶ ହୋଇଛି। କିନ୍ତୁ ଏଥିରେ ବ୍ୟତିକ୍ରମ ଘଟାଇ ପ୍ରତିପତ୍ତି ରହିଥିବା ରାଜନୈତିକ ବ୍ୟକ୍ତି ବିଶେଷଙ୍କ ପ୍ରରୋଚନାରେ ଆସି ପ୍ରଶାସନ ଫୁଲଭଟ୍ଟା ପଞ୍ଚାୟତ ଡୁଡୁମପଦର ଠାରେ ନିର୍ମାଣ କରିଛି। ତତ୍କାଳୀନ ବିଡ଼ିଓ କପିଳେଶ୍ୱର ତାଣ୍ଡି, ଏଇଇ ସ୍ୱରୂପ ରଞ୍ଜନ ସାହୁ ଏବଂ କନିଷ୍ଠ ଯନ୍ତ୍ରୀ ଭାନୁମତି ଟୁଡୁଙ୍କ ସମୟରେ କେସ୍ ରେକର୍ଡ ଖୋଲା ଯାଇଛି ଓ ପ୍ରକଳ୍ପ କାର୍ଯ୍ୟାଦେଶରେ ଏଭଳି ଭୁଲ କରାଯାଇଥିବା ଦେଖିବାକୁ ମିଳିଛି। କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି. ମନସ୍ମିତାଙ୍କ କହିବା ଅନୁସାରେ କୁନ୍ଦୁରା ବନବିଭାଗ ଅଧୀନରେ କାର୍ଯ୍ୟରତ ଅଧିକାରୀମାନେ ଯେଉଁ ସ୍ଥାନ ଚିହ୍ନଟ କରି ସରକାରଙ୍କ ନିକଟରେ ଭିଏସଏସ କୋଠା ନିର୍ମାଣ ନେଇ ଜଣାଇଛନ୍ତି ସେ ହିସାବରେ କରାଯାଉଛି ଓ କିନ୍ତୁ ବନାଞ୍ଚଳ ରେଞ୍ଜର କିମ୍ବା ଫରେଷ୍ଟରଙ୍କ ମତ ଅନୁସାରେ ସେମାନେ ଏ ବିଷୟରେ ଅବଗତ ନଥିବା ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ଘଟଣାକୁ କେନ୍ଦ୍ର କରି ଆସନା ପଞ୍ଚାୟତବାସୀ କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ପରେ କିଛି ସନ୍ତୋଷ ଜନକ ଉତ୍ତର ମିଳି ନ ଥିଲା। ଆଦିବାସୀ ଅଧ୍ୟୁଷିତ ପାହାଡ଼ ଜଙ୍ଗଲ ଘେରା ଏହି ଉପାନ୍ତ ଆସନା ଅଞ୍ଚଳକୁ ଜାଣିଶୁଣି ପଛକୁ ଠେଲିବା ଉଦ୍ଦେଶ୍ୟରେ ପ୍ରଶାସନ ଏଭଳି ଉଦ୍ୟମ କରୁଛି ବୋଲି ଦାବିପତ୍ର ଦେବାକୁ ଆସିଥିବା ପଞ୍ଚାୟତ ବାସୀ କହିଛନ୍ତି। ଏହି ପଞ୍ଚାୟତ ହେଉଛି ପଞ୍ଚାୟତ ଗଠନ ସମୟର ମୂଳ ପଞ୍ଚାୟତ ଓ ଆଦିବାସୀ ଅଧ୍ୟୁଷିତ, ଉପାନ୍ତ, ଅଶିକ୍ଷିତ ଓ ଅନୁନ୍ନତ ଏହି ପଞ୍ଚାୟତକୁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସବୁବେଳେ ଅଣଦେଖା କରୁଛି ଓ ଆସନା ପଞ୍ଚାୟତ ନାମରେ ଥିବା ଗୃହକୁ ଫୁଲଭଟ୍ଟାରେ ନିର୍ମାଣ କରି ପଞ୍ଚାୟତବାସୀଙ୍କୁ ପ୍ରଶାସନ ପକ୍ଷରୁ ନିରାଶ କରାଯାଇଛି। ଏହାର ତଦନ୍ତ କରି ଚଞ୍ଚକତା କରିଥିବା ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।



## ଉର୍ଲାଙ୍ଗ ଗ୍ରାମରେ ପାନୀୟ ଜଳ ସଙ୍କଟ

# ସୋଲାର ପ୍ରକଳ୍ପ ଅଚଳ; ୪୫ ପରିବାରକୁ ନଳକୂଅ ଭରସା

ମୁନିଗୁଡା, ୨୮।୩(ସମିସ)





ରାୟଗଡ଼ା ଜିଲ୍ଲା ଅମ୍ବାଦଳା ପଞ୍ଚାୟତ ଅନ୍ତର୍ଗତ ଉର୍ଲାଙ୍ଗ ଗ୍ରାମରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଜଟିଳ ରୂପ ନେଇଛି। ଗ୍ରାମର ପ୍ରାୟ ୪୫ଟି ପରିବାରର ୧୫୦ ଜଣ ଲୋକ ବସବାସ କରୁଥିବା ବେଳେ ସମସ୍ତେ ଅନୁସୂଚିତ ଜନଜାତିର ଅଟନ୍ତି। ଗ୍ରାମରେ ପାନୀୟ ଜଳ ସୁବିଧା ପାଇଁ ସ୍ଥାପିତ ସୋଲାର ପାନୀୟ ପ୍ରକଳ୍ପ ଗତ ଏକ ମାସ ହେବା ସତ୍ତ୍ୱେ ଅଚଳ ଅବସ୍ଥାରେ ପଡ଼ିରହିଛି। ଗ୍ରାମରେ ଥିବା ଅନ୍ୟ ଏକ ନଳକୂପ ପ୍ରାୟ ସମୟ ଅଚଳ ହେଉଛି। ଫଳରେ ଗ୍ରାମବାସୀ ଜଳ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ପରିସ୍ଥିତି ଏପର୍ଯ୍ୟନ୍ତ ପହଞ୍ଚିଛି ଯେ, ପାଣିର ଟୋପାଏ ପାଇଁ ସେମାନେ ନିକଟସ୍ଥ ବିଦ୍ୟାଳୟରେ ଥିବା ଏକମାତ୍ର ନଳକୂପ ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ଜଣେ ପ୍ରଦୀପ ନାମକ ବ୍ୟକ୍ତି ଜାଣିଶୁଣି ସୋଲାର ପ୍ରକଳ୍ପକୁ ଅଚଳ କରିଦେଇଛନ୍ତି। ଏହାକୁ ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ

**ପ୍ରକଳ୍ପର ଯନ୍ତ୍ର ନଷ୍ଟ କରାଯାଇଥିବା ଅଭିଯୋଗ ଆଣିଲେ ଗ୍ରାମବାସୀ**

ଅଭିଯୋଗ ଥିବା ବ୍ୟକ୍ତି ଏହାକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରି କହିଛନ୍ତି ଯେ, ପ୍ରକଳ୍ପଟି ପ୍ରାକୃତିକ ଭାବରେ ନଷ୍ଟ ହୋଇଥିବାରୁ ଅଚଳ ହୋଇଛି, ତାଙ୍କ ସହ କୌଣସି ସମ୍ପର୍କ ନାହିଁ। ଏପରି ସ୍ଥିତିରେ ଗ୍ରାମବାସୀ ତୁରନ୍ତ ପ୍ରଶାସନୀୟ ହସ୍ତକ୍ଷେପ ଦାବି କରିଛନ୍ତି। ସୋଲାର ପ୍ରକଳ୍ପକୁ ଶୀଘ୍ର ମରାମତି କରି ପାନୀୟ ଜଳ ସୁବିଧା ପୁନରୁଦ୍ଧାର କରିବାକୁ ସେମାନେ ଆବଶ୍ୟକ ମନେ କରୁଛନ୍ତି। ନହେଲେ ଆସନ୍ତା ଦିନରେ ସମସ୍ୟା ଆଉ ଗଭୀର ହେବାର ସମ୍ଭାବନା ରହିଛି।

## ବିତିଲାଣି ୬ ବର୍ଷ; ସରୁନି ୬୦୦ ମିଟର ରାସ୍ତା କାମ

ସୁନାବେଡ଼ା, ୨୮।୩(ସମିସ): ସୁନାବେଡ଼ା ପୌରପରିଷଦ ଅନ୍ତର୍ଗତ ୭ ନଂ ୱାର୍ଡର ହାଉସିଂ ବୋର୍ଡ କଲୋନୀକୁ ସଂଯୋଗ ରାସ୍ତାର ନିର୍ମାଣ କାର୍ଯ୍ୟ ଦୀର୍ଘ ୬ ବର୍ଷ ହେଲା ସରୁନି। ପ୍ରଶାସନ ପୁରୁଣା ରାସ୍ତାକୁ ତାଡି ନୂଆ ରାସ୍ତା ନିର୍ମାଣ ଆରମ୍ଭ କରିଥିଲେ। ହେଲେ ରାସ୍ତାକାମ ଶେଷ ହେବା ଦୂର କଥା ରାସ୍ତା ଉପରେ କେବଳ ଗୋଡ଼ି ଓ ଡଷ୍ଟ ପକାଇ ଛାଡ଼ି ଦିଆଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ରାସ୍ତାର ଡଷ୍ଟ ବର୍ଷାରେ ଧୋଇହୋଇ କେବଳ ବଡ ବଡ ପଥର ଦେଖାଯାଉଛି। ଫଳରେ ଯାତାୟାତ ସମୟରେ ଅନେକ ବାଇକ୍ ଚାଳକ ଦୂର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏପରିକି ଲୋକେ ଚାଲି ଚାଲି ଯିବା ସମୟରେ ମଧ୍ୟ ଝୁଣ୍ଟି ଲହୁଲୁହାଣ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସ୍ଥାନୀୟବାସୀନ୍ଦା, ଛୋଟ ଶିଶୁମାନେ ଶିବ ମନ୍ଦିର, ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ଯାତାୟାତ କରୁଛନ୍ତି। ଯାତାୟାତ ସମୟରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଶେଷ କରି ବର୍ଷାଦିନ ରାସ୍ତାରେ ପାଣି ଜମି କାଦୁଅ ପଚପଚ ହେଉଥିବାରୁ ଲୋକଙ୍କୁ ଅଧିକ ହଇରାଣ ହେବାକୁ ପଡୁଛି। ରାସ୍ତା କାମ ଶୀଘ୍ର ସରିବାକୁ ସ୍ଥାନୀୟ କାଉନସିଲର ଗଜେନ୍ଦ୍ର ମାଝୀ ଓ ପୌରପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ପଦେକ୍ଷପ ଗ୍ରହଣ କରାଯାଉ ନଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି।



ଏପରିକି ପୌରପରିଷଦ କାର୍ଯ୍ୟାଳୟରେ ଅଭିଯୋଗ କଲେ ଆସନ୍ତା ମାସକୁ ହୋଇଯିବ କହି ପ୍ରତିଶ୍ରୁତି ଦେଇ ପଠାଇ ଦେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା କାମ ସମ୍ପୂର୍ଣ୍ଣ କରିବା ଦିଗରେ ପୌର ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ତ୍ରିଧାରା ନାଟ୍ୟ ସଂଘ ପକ୍ଷରୁ ନାଟ୍ୟ ଦିବସ

ନବରଙ୍ଗପୁର, ୨୮।୩(ସମିସ): ନବରଙ୍ଗପୁର ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନଠାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଛି। ତ୍ରିଧାରା ନାଟ୍ୟ ସଙ୍ଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନାଟ୍ୟକାର ଜଗନ୍ନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେ଼ମୀ ଭୁବନେଶ୍ୱର କାର୍ଯ୍ୟକାରୀ ସଦସ୍ୟ ଦେବଦାସ ମହାକୁଡ଼ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପରେ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ତଥା ନବରଙ୍ଗପୁର ମହାବିଦ୍ୟାଳୟ ଅର୍ଥନୈତିକ ଅଧ୍ୟାପକ ଦିଲ୍ଲିପ ହୋତା, ବରିଷ୍ଠ ନାଟ୍ୟକାର, ନିର୍ଦ୍ଦେଶକ ପ୍ରକାଶ ସାମନ୍ତରାୟ ମଞ୍ଚାସିନ ଥିଲେ। ଏହି ଅବସରରେ ଶ୍ରୀ ମହାକୁଡ଼ ନାଟକ ସମାଜର ଦର୍ପଣ ଏବଂ ଦୈନନ୍ଦିନ ଜୀବନରେ ଘଟୁଥିବା ପ୍ରତ୍ୟେକ ଘଟଣାକୁ ନାଟକରେ ରୂପ ଦିଆଯାଇ ସମାଜକୁ ଏହାର ସମାଧାନର ବାର୍ତ୍ତା ଦିଆଯାଇଥାଏ ବୋଲି କହିଥିଲେ। ଦେବୀ ପ୍ରସାଦ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଭିନେତା ଶିବ ଶଙ୍କର ତ୍ରିପାଠୀ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ସଭା କାର୍ଯ୍ୟ ପରିସମାପ୍ତି ପରେ ସମସ୍ତ କଳାକାର ଏକତ୍ର ହୋଇ ସହରର ବରିଷ୍ଠ ଏବଂ ବିଶିଷ୍ଟ ନାଟ୍ୟ ଓ ଫିଲ୍ମ ନିର୍ଦ୍ଦେଶକ ସୁରେଶ ମହାନ୍ତିଙ୍କ ଘରକୁ ଯାଇ ତାଙ୍କୁ ସମ୍ମାନିତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟ କର୍ମୀ ତଥା ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଚିଦାନନ୍ଦ ପଟ୍ଟନାୟକ, ଅଭିନେତା ରଘୁନାଥ ରଥ, ଅଶୋକ ପଣ୍ଡା, ବିଭୁଦତ ସେଠୀ, ଏ. ସନ୍ତୋଷ କୁମାର, ରିତେଶ ପୂଜାରୀ ସମେତ ଅନେକ କଳାକାର ଉପସ୍ଥିତ ଥିଲେ।



## ଆଜିଠୁ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଚୟନ ଶିବିର



ନବରଙ୍ଗପୁର, ୨୮।୩(ସମିସ): ରାଜ୍ୟ କ୍ରିକେଟ୍ ସଂଘ ଏବଂ ଜିଲ୍ଲା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ୧୬ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଖେଳାଳି ପଞ୍ଜୀକରଣ ଏବଂ ଚୟନ ଶିବିର ରବିବାରରୁ ଆରମ୍ଭ ହେବ। ଏନେଇ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ, କଲେଜ ଏବଂ ବିଭିନ୍ନ କ୍ରୀଡା କ୍ଲବ୍‌କୁ ଏକ ଚିଠି କରିଛନ୍ତି। ଏହି ଚୟନ ଶିବିର ପରିଚାଳନା କରିବା ନିମନ୍ତେ ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା, ଜିଲ୍ଲା କ୍ରିକେଟ କୋଚ୍ ଜି. ଚନ୍ଦ୍ରଶେଖର, ଦୂର୍ଯୋ ହରିଜନ ଏବଂ ସୁବ୍ରତ ଗଣ୍ଡକୁ ଦାୟିତ୍ୱ ଦିଆଯାଇଛି ବୋଲି ସଂଘର ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ରବିବାର ଭାଗ ନେବାକୁ ଚାହୁଁ ଥିବା ଖେଳାଳିମାନେ ନିଜ ଜନ୍ମ ପ୍ରମାଣ ପତ୍ର ଏବଂ ଆଧାର ପତ୍ରିକା ସାଙ୍ଗରେ ଆଣି ପଞ୍ଜୀକରଣ କରିବାକୁ ହେବ ବୋଲି କ୍ରିକେଟ ସଂଘର ସହ ସମ୍ପାଦକ ଏମ୍ ବାଲା କ୍ରୀଷ୍ଣା ରାଓ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨ ତାରିଖରୁ ଆରମ୍ଭ ହେବ। ଓଡ଼ିଶା କ୍ରିକେଟ ସଂଘ ଦ୍ୱାରା ଗଠିତ ୬ ଗୋଟି ଗ୍ରୁପ ମଧ୍ୟରୁ ନବରଙ୍ଗପୁର ଜିଲ୍ଲା ଦଳ ଗ୍ରୁପ ଡି ରେ ସ୍ଥାନ ପାଇଥିବା ଯୋଗୁଁ ଜିଲ୍ଲା ଦଳ ଆସନ୍ତା ୧୦ ଏପ୍ରିଲ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଏକ ଦିବସୀୟ ଫର୍ମାଟରେ କଟକ, ଯାଜପୁର, କୋରାପୁଟ, ବୌଦ୍ଧ ଏବଂ ମାଲକାନଗିରି ସହ ଲିଗ୍ ମ୍ୟାଚ୍ ଖେଳିବେ ବୋଲି ବରିଷ୍ଠ ସଦସ୍ୟ ଅଶୋକ ନାୟକ ସୂଚନା ଦେଇଛନ୍ତି।

## ଗାଁ ସମସ୍ୟା ନେଇ ବିଧାୟକଙ୍କୁ ଗ୍ରାମ୍ୟ ନାଗରିକ କମିଟିର ଦାବିପତ୍ର



ପାପଡ଼ାହାଣ୍ଡି, ୨୮।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଗ୍ରାମର ସମସ୍ୟା ନେଇ ବିଧାୟକ ମନହୋର ରାନ୍ଧରୀଙ୍କୁ ଦାବି ଜଣାଇଛନ୍ତି ଗ୍ରାମ୍ୟ ନାଗରିକ କମିଟି। ଗ୍ରାମ୍ୟ ନାଗରିକ କମିଟି ସଭାପତି ବି. ଜଗନ ମୋହନ ରାଓ ଓ କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ କମିଟି ସଦସ୍ୟ ଯାଇ ବିଧାୟକଙ୍କୁ ଭେଟି ଗାଁର ବିଭିନ୍ନ ସମସ୍ୟାର ସମାଧାନ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ଅସୁସ୍ଥ ଥିଲେ ମଧ୍ୟ ଗ୍ରାମବାସୀଙ୍କ ସହ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପାପଡ଼ାହାଣ୍ଡି ଗ୍ରାମରେ ବାଇପାସ ରାସ୍ତା, ରେଳ ଷ୍ଟେସନର ସମସ୍ୟା, ପାନୀୟ ଜଳ ସମସ୍ୟା, କଲ୍ୟାଣ ମଣ୍ଡପ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା, ଶ୍ମଶାନ ଉନ୍ନତିକରଣ, ଶବ ବ୍ୟବଚ୍ଛେଦ ଗୃହ, ଶବ ବାହକ ଗାଡି, ଦୈନିକ ବଜାର, ହାଟ ବସିବା ସ୍ଥାନ, ପୁରାତନ ତିନୋଟି ବିଦ୍ୟାଳୟ ୟୁଜିୟୁପି, ବ୍ଲକ କୋଲାନି ପ୍ରାଥମିକ ବିଦ୍ୟାଳୟ ଓ ଏମଇ ସ୍କୁଲର ଉନ୍ନତିକରଣ, ବ୍ରିଟିଶ ଅମଳର ଡାକ ବଙ୍ଗଳାର ଉନ୍ନତିକରଣ, ଦୁର୍ଗାପୂଜା ପାଇଁ ମଣ୍ଡପର ବ୍ୟବସ୍ଥା ଓ ସାମ୍ବାଦିକ ଭବନର ନିର୍ମାଣ ଆବଶକ ରହିଥିବା କମିଟି ବିଧାୟକଙ୍କୁ ଅବଗତ କରାଇଥିଲେ। ବିଧାୟକ ଏପ୍ରିଲ ପ୍ରଥମ ସପ୍ତାହରେ ଶବ ବାହକ ଗାଡିର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେପରି ଦୁର୍ଗାପୂଜା ମଣ୍ଡପ ଓ ପ୍ରେସ କ୍ଲବ ପାଇଁ ଶୀଘ୍ର ଅନୁଦାନ ଯୋଗେଇଦେବା ପାଇ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟାନ୍ୟ ସମସ୍ୟା ନେଇ ଆଲୋଚନା କରିବା ପରେ ସେ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ଏହି ସମୟରେ ସମ୍ପାଧକ ଏନ୍. ଜନାର୍ଦ୍ଦନ ରାଓ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ବିଜୟ ବିଷୋୟୀ, ମହେନ୍ଦ୍ର ବିଷୋୟୀ, ତରଣୀ କଷ୍ୟପ, ମିଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦେଶୀ ମଦ ଜବତ କରି ଭାଙ୍ଗିଲେ ମହିଳା

ତେନ୍ତୁଳିଖୁଣ୍ଟି, ୨୮।୩(ସମିସ): ତେନ୍ତୁଳିଖୁଣ୍ଟି ବ୍ଲକ ନାରୀ ମହାସଂଘର ମହିଳାମାନେ ମଦ ବନ୍ଦ ପାଇଁ ପଣ କରିଛନ୍ତି। ଏହି କ୍ରମରେ ଆଜି ସକାଳୁ ପାତ୍ରପୁଟ ଗ୍ରାମର ମହିଳାମାନେ ବିପୁଳ ପରିମାଣର ବିଦେଶୀ ମଦ ଜବତ କରି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ମଟର ସାଇକେଲ ଯୋଗେ ବିପୁଳ ପରିମାଣର ଫୋରେନ ଲିକର ଧରି ଜଣେ ଲୋକ ଯାଉଥିବା ବେଳେ ମହିଳାମାନଙ୍କ ଦ୍ୱାରା ଅଟକ ରଖାଯାଇଥିଲା। ମଟର ସାଇକେଲ କାର୍ଟୁନ ଗୁଡିକରେ ବିପୁଳ ପରିମାଣର ବିଦେଶୀ ମଦ ରହିଥିଲା। ଏହାପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ମଟର ସାଇକେଲ ଧରି ଚମ୍ପଟ ମାରିଥିଲା। ପରେ ମହିଳାମାନେ ସମସ୍ତ ମଦ ବୋତଲ ଗୁଡାକୁ ଭାଙ୍ଗି ନଷ୍ଟ କରିଦେଇଥିଲେ। ମଦ କାହାର ଏବଂ କୋଉ ସ୍ଥାନକୁ ବିକ୍ରି ଉଦ୍ଦେଶ୍ୟରେ ଯାଉଥିଲା ତାହାର ସ୍ପଷ୍ଟ ସୂଚନା ମିଳିପାରିନି।



## ବିଧାୟକଙ୍କ ସେମିଳିଗୁଡ଼ା ପରିଦର୍ଶନ

ସେମିଳିଗୁଡା, ୨୮।୩(ସମିସ): କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଧାୟକ ରାମଚନ୍ଦ୍ର କାଡାମ ପରିଦର୍ଶନ କରିଥିଲେ। ସେ ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି, ହାତଗୁଡ଼ା, ସାଡାମ ପଞ୍ଚାୟତରେ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଲୋକଙ୍କ ସହ ଆଲାଚନା କରି ଲୋକଙ୍କର ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଲେଞ୍ଜି କୁନ୍ଦୁଲିଠାରେ ନିର୍ମାଣାଧୀନ ଗାଦବା ଭବନର କାର୍ଯ୍ୟ ତଦାରଖ କରିଥିଲେ। ଏହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ସ୍ୱରୂପ ଜନସାଧାରଣଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ସହାୟକ ହେବ ବୋଲି ବିଧାୟକ କାଡାମ ମତ ପ୍ରକାଶ କରିଥଲେ। ସେହିପରି ସାଡାମ ଗ୍ରାମ ପଞ୍ଚାୟତର ପଣସଗୁଡ଼ାରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତ ଖେଳାଳୀଙ୍କୁ ଅଭିନନ୍ଦନ ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ପରିଦର୍ଶନ କରିଥିଲେ। ବିଧାୟକଙ୍କ ସହ ଜନ ପ୍ରତିନିଧି, କଂଗ୍ରେସ ନେତା କର୍ମୀମାନେ ଯୋଗ ଦେଇଥିଲେ।



## ରାମ ମନ୍ଦିରରେ ପ୍ରସାଦସେବନ କାର୍ଯ୍ୟକ୍ରମ

ସେମିଳିଗୁଡା, ୨୮।୩(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ଥିବା ରାମ ମନ୍ଦିରରେ ଚାଳିତ ବର୍ଷ ରାମ ନବମୀ ପାଳନ ଅବସରରେ ଏକ ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ୬ ରୁ ୭ ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବରିଷ୍ଠ ଭୂଦାନ କର୍ମୀ କୃଷ୍ଣ ସିଂ, ପ୍ରେମାନନ୍ଦ ନନ୍ଦ ପୃଷ୍ଟି, ଅର୍ଜୁନ ନାଏକ, ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ପାତ୍ର ପ୍ରମୁଖଙ୍କ ଦ୍ୱାରା ୯ ଦିନ ଧରି ଉତ୍ସବ ମହାସମାରୋହରେ ପାଳିତ ହେଉଛି। ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମରେ ଯୁବ ନେତା ଭରତ ମଲ୍ଲିକ, ପ୍ରତାପ ସ୍ୱାଇଁ, ଜ୍ଞାନ ରଞ୍ଜନ ମହାନ୍ତି, ଆଶିଦ ସାହୁ, ସୁକାନ୍ତ ବେହେରା, ନାଗୁ ଦୋରା, କାମଦେବ ପରିଡ଼ା, ଅଲେଖ ଦାସ, ରାମନାଥ ସିଂ, ଟୁକୁନା ଜେନା, ରବି ପ୍ରସାଦ, ବିଦ୍ୟାଧର ପରିଡ଼ା, ସରୋଜ ସାମଲ, ଶୁଭେନ୍ଦୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପୌରପରିଷଦ ପକ୍ଷରୁ ଅଗ୍ନିନିରାପତ୍ତା ସଚେତନତା

ଗୁଣୁପୁର, ୨୮।୩(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ପୌରପରିଷଦ ପକ୍ଷରୁ ଆଜି ଟାଉନହଲଠାରେ ଅଗ୍ନିନିରାପତ୍ତା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମଲ୍, ହୋଟେଲ୍, ଦୋକାନ, ରେଷ୍ଟୁରେଣ୍ଟ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନର କର୍ମଚାରୀମାନଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପୌର ଅଧ୍ୟକ୍ଷା ମମତା ଗୌଡ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଗୁଣୁପୁର ଅଗ୍ନିଶମ ବିଭାଗର ହାବିଲଦାର୍ ପବିତ୍ର ସିଂ ଙ୍କ ନେତୃତ୍ୱରେ କର୍ମଚାରୀ ବିକ୍ରମ ପାତ୍ର, ଗୋପାଳ ବେହେରା, ସୁଶାନ୍ତ ପାତ୍ର ବିଭିନ୍ନ ଦୋକାନ, ମଲ, ହୋଟେଲ୍, ରେଷ୍ଟୁରେଣ୍ଟ ଶିକ୍ଷା ଅନୁଷ୍ଠାନ ଗୁଡିକରେ କିଭଳି ସର୍ଟସର୍କୀଟ, ଗ୍ୟାସ୍, ବିଭିନ୍ନ କାରଣ ଅଚାନକ ଲାଗିଥିବା ନିଆ ଦାଉରୁ ନିଜକୁ ସୁରକ୍ଷିତ ରଖିବେ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଇଥିଲେ।




## ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ରାମନାଗୁଡ଼ା, ୨୮।୩(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା ପଣସଗୁଡ଼ାଠାରେ ଶ୍ରଦ୍ଧାଞ୍ଜଳୀ ସତ୍‌ସଙ୍ଗ ସଭା ଅନୁଷ୍ଠିତ ହୋଇଥିଲା। ଗୁଣପୁର ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘ ଗୁଣପୁର ଶାଖା ଆନୁକୂଲ୍ୟରେ ଶ୍ରୀ ବନ୍ଧୁ ଗୁରୁ ଭାଇଙ୍କ ପୁତ୍ର ସ୍ୱର୍ଗତ କାନାକା ଗୁରୁ ଭାଇର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ସତ୍‌ସଙ୍ଗର ଆୟୋଜନ କରାଯାଇଥିଲା। ଉକ୍ତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ବାସିନୀ ଭୂଜଙ୍ଗ ରାଓ, ଏମାନା ମୂର୍ତ୍ତି, ଧନଞ୍ଜୟ ବେହେରା ଯୋଗଦାନ କରି କାନାକା ଭାଇର ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ଗୁରୁ ପରିବାର ଏବଂ ନିଜର ପରିବାର ବର୍ଗ ସମ୍ମିଳିତ ଭାବରେ ସଦ୍‌ଗୁରୁଙ୍କ ଠାରେ ଜୀବାତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସତ୍‌ସଙ୍ଗରେ ହରିହର ସ୍ୱାଇଁ, ଏସ୍. ଗୋରୀ ଶଙ୍କର, ବଳରାମ ଲିମା, ଦ୍ୱିତୀକୃଷ୍ଣ ସେନାପତି, ବିକ୍ରମ ଶବର ଶ୍ରୀଦେବୀ, ମାଛିଲି ସମେତ ଶତାଧିକ ଗୁରୁ ଭାଇ ଭଉଣୀ ଏବଂ ଆଧାତ୍ମିକ ଭକ୍ତ ଯୋଗଦେଇଥିଲେ। ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।



## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ବିଷମ କଟକ, ୨୮।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କାମା ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରର ଶୀର୍ଷକ ଥିଲା, 'ଭାରତ ଦେଶିକ ନୀତିରେ ସଫ୍ଟ ପାୱାରର ଭୂମିକା'। ଏହି ଆଲୋଚନା ଚକ୍ର କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ରୋହନ କୁମାର ଦାସ ଓ ଛାତ୍ରୀ ସିଂଧା ଦାସ ଉଭୟ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରିବା ସହ ବୈଦେଶିକ ନୀତି କଣ ଓ ଶୀତଳ ଯୁଦ୍ଧ ସମୟରେ ଭାରତ ଦେଶିକ ନୀତିରେ ସଫ୍ଟ ପାୱାରର କେତେ ଗୁରୁତ୍ୱ ତାହା ଆଲୋଚନା କରିଥଲେ। ମୁଖ୍ୟବକ୍ତା ଭାବେ ରାଇକିଆ ମହାବିଦ୍ୟାଳୟର ଅଧ୍ୟାପକ ଜୀବନ ଜ୍ୟୋତି ସାରଙ୍ଗଧର ମାମଲାକା ଯୋଗଦେଇ ସଫ୍ଟ ପାୱାର ଏବଂ ବୈଦେଶିକ ନୀତି ମଧ୍ୟରେ ଥିବା ସମ୍ପର୍କକୁ ବୁଝାଇବା ସହ ଭାରତର ସଫ୍ଟ ପାୱାର ଦ୍ରୁତଗତିରେ ବୃଦ୍ଧି ପାଉଛି ଏହା ଦ୍ୱାରା ଭାରତର ଭୂମିକା ଅନ୍ତର୍ଜାତୀୟସ୍ତରରେ ବୃଦ୍ଧି ଘଟିବ ବୋଲି ଆଲୋଚନା କରିଥିଲେ। ବିଭାଗର ମୁଖ୍ୟ ନିରଞ୍ଜନ ପାଢ଼ୀ ସଫ୍ଟ ପାୱାରର ଉପାଦାନ ଓ ଏହାର ପ୍ରଭାବକୁ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପକ ବିନନ୍ତ ଡଙ୍ଗ୍ରି ମଧ୍ୟ ସଫ୍ଟ ପାୱାର କଣ ପାଇଁ ଗୁରୁତ୍ୱ ଅଟେ ତାହା ବୁଝାଇଥିଲେ। ଇତିହାସ ବିଭାଗର ଅଧ୍ୟାପିକା ସସ୍ମିତା ମହାନ୍ତି ମଧ୍ୟ ଭାରତର ସଫ୍ଟ ପାୱାର ଭାରତର ସଭ୍ୟତା ସହିତ ଜଡ଼ିତ ଅଟେ ବୋଲି ଆଲୋଚନା କରିଥିଲେ। ସେହିପରି ରାସାୟନିକ ବିଭାଗର ମୁଖ୍ୟ ଦେବାଶିଷ ପଣ୍ଡା ସଫ୍ଟ ପାୱାର ଦ୍ୱାରା ଭାରତ ନିଜର କ୍ଷମତା ମିଳିତ ଜାତି ସଂଘରେ ବିକଶିତ କରିବ ବୋଲି ଆଲୋଚନା କରିଥିଲେ। ଏହାପରେ ବିକାଶ କାଡ୍ରାକା ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ମଧ୍ୟ ବୈଦେଶିକ ନୀତିକୁ ସଫ୍ଟ ପାୱାର ଦ୍ୱାରା ହାସଲ କରିବାକୁ ପଡ଼ିବ ବୋଲି ଆଲୋଚନା କରିଥିଲେ। ବିଭାଗ ଛାତ୍ରୀ ଝଂଶି ହିଆଲ, ମନୀଷା ମଣ୍ଡିକା, ଛାତ୍ର ପ୍ରଶାନ୍ତ ହିକକା ଓ ଅନିଲ ବିଡ଼ିକା ଆଲୋଚନା ଚକ୍ରରେ ଉପସ୍ଥାପନା କରିଥିଲେ। ଏଠାରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ରାଜନୀତି ବିଜ୍ଞାନ ବିଭଗର ଛାତ୍ର ବିକାଶ ୱାଡାକା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।




## ଓଡ଼ିଶା-ଆନ୍ଧ୍ର ସୀମାନ୍ତବାସୀଙ୍କ ରିସ୍ତାରେ ବାଧକ ରାସ୍ତା

# ଗନ୍ଧିଗୁଡା-ନାକଟି ଘାଟି ରାସ୍ତା ନିର୍ମାଣ ପାଇଁ ସୀମାନ୍ତବାସୀଙ୍କ ଦାବି

ନନ୍ଦପୁର, ୨୮।୩(ସମିସ)





ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ନନ୍ଦପୁର ବ୍ଲକସୀମାନ୍ତକୁ ଲାଗି ରହିଥିବା ଗୋଲୁର ପଞ୍ଚାୟତର ଗନ୍ଧିଗୁଡା ଓ ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବା ନାକଟି ଗ୍ରାମବାସୀଙ୍କ ରିସ୍ତାରେ ବାଧକ ସାଜିଛି ରାସ୍ତା। ତତ୍କାଳୀନ ସରକାରଙ୍କ ସମୟରେ ସଭାପୁଟଠାରେ ବିଜୁ ସେତୁ ନିର୍ମାଣ ପରେ ଉଭୟ ସୀମାନ୍ତରେ ରହିଥିବା ଦୁଇ ରାଜ୍ୟର ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ସମ୍ପର୍କର ସେତୁ ନିବିଡ଼ ହୋଇଛି। ସବୁ କ୍ଷେତ୍ରରେ ଉଭୟ ରାଜ୍ୟର ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ବ୍ୟବସାୟ ଠାରୁ ଆରମ୍ଭ କରି ଘରେଇ ସମ୍ପର୍କ ଗଢ଼ିଉଠିଛି। କିନ୍ତୁ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଥିବା ଏପରି ଦୁଇ ଗ୍ରାମବାସୀଙ୍କ ରିସ୍ତାରେ ରାସ୍ତା ପୁଣି ବାଧକ ସାଜିଛି। ଉକ୍ତ ଦୁଇ ସୀମାନ୍ତ ଗ୍ରାମ ହେଉଛି ଓଡ଼ିଶାର ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ଗନ୍ଧିଗୁଡା ଓ ଆନ୍ଧ୍ରର ସୀମାନ୍ତ ଗାଁ ନାକଟି। ଗଲୁରୁ ଗ୍ରାମ ପଞ୍ଚାୟତ ଦେଇ ଗନ୍ଧିଗୁଡା ଠାରୁ ନାକଟି ଘାଟିକୁ ସଂଯୋଗ ରାସ୍ତା ଅବସ୍ଥାରେ ଶୋଚନୀୟ ହୋଇଛି। ଯାହାଦ୍ୱାରା ବର୍ତ୍ତମାନ ଉଭୟ ରାଜ୍ୟସୀମାନ୍ତ ଗାଁରେ ରହୁ ଥିବା ସମ୍ପର୍କୀୟଙ୍କ ପାଖକୁ ଭଲ ମନ୍ଦରେ ଯିବାକୁ ହେଲେ ଉଭୟ ଗାଁ ଲୋକଙ୍କୁ ବହୁ କଷ୍ଟ ଭୋଗିବାକୁ ପଡୁଛି। ନାକଟି ଘାଟି ରାସ୍ତା ନିର୍ମାଣ ପାଇଁ ଓଡ଼ିଶା ସୀମାନ୍ତବାସୀ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ତଥାପି କେହି ଶୁଣୁ ନଥିବା ସୀମାନ୍ତବାସୀ କହିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଦୁଇ ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ରିସ୍ତା ସୁଦୃଢ଼ ହୋଇପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି। ପାଛଲୁଙ୍ଗ ପଞ୍ଚାୟତରେ ନିର୍ମିତ ବିଜୁ ସେତୁ ସମ୍ପର୍କର ସେତୁ ପାଲଟିଥିବା ବେଳେ ସେହିପରି ନାକଟି ଘାଟିରେ ରାସ୍ତା ନିର୍ମାଣ କରି ଉଭୟ ରାଜ୍ୟର ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ରିସ୍ତା ସୁଦୃଢ଼ କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# କାହ୍ନୁଗୁଡ଼ା ରାସ୍ତା କାମ ନିମ୍ନମାନର ଅଭିଯୋଗ

## ସାମାନ୍ୟ ବର୍ଷାରେ ଦବିଗଲା ଆପ୍ରୋଚ ରାସ୍ତା

ରାୟଗଡ଼ା, ୨୮ ।୩(ସମିସ)





ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡା ଗାଁକୁ ସଂଯୋଗ କରୁଥିବା ନବନିର୍ମିତ ମୁଖ୍ୟ ରାସ୍ତା ଅତି ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ସାମନ୍ୟ ଅଧଘଣ୍ଟାର ବର୍ଷାରେ ଦବି ଗଲା ଆପ୍ରୋଚ । ଉକ୍ତ ରାସ୍ତାରେ ଥିବା ଏକ ପୋଲକୁ ସଂଯୋଗ ହେଉଥିବା ଆପ୍ରୋଚ ରାସ୍ତା କଡରେ ଏକ ବଡ ଗାତ ହୋଇଯାଇଥିବା ବେଳେ ମାଟି ଉପରେ ପିଚୁ ପକାଯାଇ କାମ କରାଯାଇଥିବାରୁ ଉକ୍ତ ରାସ୍ତାର ଏଭଳି ଅବସ୍ଥା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ରାସ୍ତାଟି କେବଳ ୧୫ଦିନ ତଳେ ସମ୍ପୂର୍ଣ୍ଣ ହୋଇଥିଲା । ତେବେ ବର୍ଷା ଯୋଗୁଁ ରାସ୍ତାର ଦୁର୍ଦଶା ପଦାକୁ ବାହାରି ଆସିଛି ବୋଲି ଗ୍ରାମବାସୀ କହିଛନ୍ତି । ସ୍ୱାଧୀନତା ପରଠାରୁ ଗାଁକୁ ରାସ୍ତାଟିଏ ନ ଥିବା ବେଳେ ଗତ ଦୁଇ ବର୍ଷ ପୂବେ କାହ୍ନୁଗୁଡା ଗାଁ ଲୋକେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ସରକାରଙ୍କ ଦ୍ୱାରା ରାସ୍ତା ଓ ପୋଲ ନିର୍ମାଣ ଦାବି କରିବା ପରେ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲିଥିଲା । ତେବେ ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଜନ (ଆରଡି) ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଉକ୍ତ ରାସ୍ତା କାମ ଅତି ନିମ୍ନମାନର କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ଗ୍ରାମବାସୀ କାର୍ଯ୍ୟର ବାସ୍ତବ ସ୍ଥିତିକୁ ନେଇ ଗ୍ରାମସଭା ବସି ନିମ୍ନମାନର କାର୍ଯ୍ୟର ତଦାରଖ ପାଇଁ ସ୍ୱଳ୍ପ ସମୟ ମଧ୍ୟରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବୁ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନ ଅଭିଯୋଗର ତଦନ୍ତ ନ କଲେ ବାଧ ହୋଇ ରାସ୍ତା ସହ ଅନ୍ୟାନ୍ୟ ବିକାଶ ଓ ମୌଳିକ ସୁବିଧା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବାକୁ ବାଧ ହେବୁ ଗ୍ରାମବାସୀ କହିଛନ୍ତି । ତେବେ ଏନେଇ ବିଭାଗୀୟ ଜେଇଙ୍କ ସହ ପ୍ରତିକ୍ରିୟା ନେବାରୁ ରାସ୍ତା କାମ ଠିକ୍ ଭାବେ ହୋଇଥିବା ବେଳେ ଯେଉଁ ସ୍ଥାନରେ ଗାତ ହୋଇଛି ସେଠାରେ ଅଧିକ ମାଟି ପଡ଼ିଥିବାରୁ ବର୍ଷାରେ ଧୋଇ ହୋଇଯାଇଛି, ଯାହାକୁ ପୁଣି ଥରେ ନିର୍ମାଣ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ତିନିମାସ ହେଲା ପଡ଼ି ରହିଛି ସନ୍ଦିଗ୍ଧ ନମ୍ବରବିହୀନ କାର୍

ବ୍ରହ୍ମପୁର,୨୮ ।୩(ସମିସ): ସହରରେ ବିଭିନ୍ନ ପାର୍କିଂ ସ୍ଥଳରେ ଗାଡ଼ି ଛାଡ଼ି ଚାଲିଯିବା ଭଳି ଅନେକ ନଜିର ରହିଛି । ତେବେ ନମ୍ବର ବିହୀନ ଗାଡ଼ିକୁ ଅନ୍ୟତ୍ର ପାର୍କିଂ କରି ଗାଡ଼ି ମାଲିକ ଚୁପ ରହିଯିବା ଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି । ଘଟଣା ଯେତିକି ସମ୍ବେଦନଶୀଳ ନୁହେଁ ତାହାଠାରୁ ଅଧିକ ଚିନ୍ତାର ବିଷୟ ହେଉଛି ପୁଲିସକୁ ଖବର ଦେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା । ଏଭଳି ଏକ ଘଟଣା ନଜରକୁ ଆସିଛି ସ୍ଥାନୀୟ ବୈଦ୍ୟନାଥପୁର ଥାନା ପାଇ ବୈଦ୍ୟନାଥପୁର ଥାନା ପୁଲିସ ସେଠାରେ ପହଞ୍ଚି ଗାଡିକୁ ତନଖି କରିଥିଲେ । ତେବେ ଘଟଣାର ଦୀର୍ଘ ଏକ ମାସ ପରେ ମଧ୍ୟ ପୁଲିସ ପକ୍ଷରୁ ଉକ୍ତ କାର ସମ୍ପର୍କରେ କୌଣସି ତଦନ୍ତ କରାଯିବା ତ ଦୂରର କଥା ଉକ୍ତ କାରକୁ ସେଠାରୁ ସ୍ଥାନାନ୍ତର ମଧ୍ୟ କରାଯାଇନାହିଁ । ଗାଡ଼ି ଭିତରେ କଣ ଅଛି ଏବଂ ଏହା ଚୋରି ଗାଡି କି ଅନ୍ୟ କିଛି କାରଣ ରହିଛି ଏ ସମ୍ପର୍କିତ ପୁଲିସ ପକ୍ଷରୁ କୌଣସି ତଦନ୍ତ ମଧ୍ୟ କରାଯାଇନଥିବା ଜଣାପଡିଛି । ଗାଡି ରଖାଯିବାର



**ସ୍ଥାନୀୟ କର୍ପୋରେଟରଙ୍କ ପକ୍ଷରୁ ଅଭିଯୋଗ ସତ୍ତ୍ୱେ ତଦନ୍ତ କରୁନି ପୁଲିସ**

**ଜବତ କରି ରଖିବାରେ ସମସ୍ୟା, ଆର୍‌ଟିଓଙ୍କ ସହାୟତା ନିଆଯିବ: ଆଇଆଇସି**

ଅନ୍ତର୍ଗତ ଗଜପତିନଗରରେ ୯ମ ଲାଇନ୍‌ରେ । ଖୋଦ୍ ସ୍ଥାନୀୟ କର୍ପୋରେଟର ସମୀର ମିଶ୍ରଙ୍କ ଘର ଆଗରେ ଦୀର୍ଘଦିନ ଧରି ଏକ କାର ଘୋଡାଇ ରଖାଯାଇଥିଲା । ଯାହା ଉପରେ କାହାରି ନଜର ପଡିନଥିଲା । ତେବେ ସମ୍ପୃକ୍ତ ଅଞ୍ଚଳ ସଫେଇ କରିବାକୁ ଯାଇ ଉକ୍ତ ଗାଡି ଉପରେ କର୍ପୋରେଟରଙ୍କ ନଜର ପଡିଥିଲା । ଗାଡିର ମାଲିକାନା ଜଣାପଡିନଥିବା ବେଳେ ଘୋଡଣି ଉଠାଇବା ପରେ ଉକ୍ତ କାରର ଉଭୟ ଆଗ ଓ ପଛରେ କୌଣସି ରେଜିଷ୍ଟ୍ରେସନ ନମ୍ବର ନଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ କର୍ପୋରେଟରଙ୍କ ସମେତ ଅଞ୍ଚଳବାସୀଙ୍କ ସନ୍ଦେହ ଘନିଭୂତ ହୋଇଥିଲା । ପରେ ତୁରନ୍ତ ଅର୍ଥାତ୍ ଗତ ଫେବୃଆରୀ ୨୩ରେ କର୍ପୋରେଟର ନିଜେ ବୈଦ୍ୟନାଥପୁର ଥାନାକୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ । ସୂଚନା ଦୀର୍ଘ ଅଢେଇ ମାସ ବିତିଯାଇଥିବା ବେଳେ ପୁଲିସକୁ ସ୍ଥାନୀୟ କର୍ପୋରେଟର ସୂଚନା ଦେବାର ଇତି ମଧ୍ୟରେ ଏକ ମାସ ବିତିଯାଇଛି । ତଥାପି ଗାଡିର ମାଲିକାନା ଜଣାପଡିନଥିବା ବେଳେ ତାହାକୁ ପୁଲିସ ମଧ୍ୟ ନିଜ ହେପାଜାତକୁ ନନେବା ଚିନ୍ତା ଓ ପରିତାପର ବିଷୟ ହୋଇଛି । ଏନେଇ ବୈଦ୍ୟନାଥପୁର ଥାନା ଇନ୍ସପେକ୍ଟରଙ୍କ ସହଯୋଗାଯୋଗ କରାଯିବାରେ ସେ ଗାଡ଼ିର ଚାବି ନଥିବାରୁ ତାହାକୁ ସ୍ଥାନାନ୍ତର କରିବା ସମ୍ଭବପର ନଥିବା କହିଛନ୍ତି । ଏହା ସହିତ ଛତ୍ରପୁର ସ୍ଥିତ ଆରଟିଓ ଏବଂ କୌଣସି ଗ୍ୟାରେଜ କର୍ମଚାରୀଙ୍କ ସହିତ ଯୋଗାଯୋଗ କରି ଗାଡିକୁ ସ୍ଥାନାନ୍ତର କରାଯିବା ସହିତ ମାଲିକାନା ସମ୍ପର୍କିତ ତଥ୍ୟ ହାସଲ କରାଯାଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ଖବରକାଗଜ ବିତରକଙ୍କ ପରିବାରକୁ ସହାୟତା

ବ୍ରହ୍ମପୁର,୨୮ (ସମିସ): ବ୍ରହ୍ମପୁର ବିତରକ ସଂଘ ପକ୍ଷରୁ ଜଗଦଳପୁର ଗ୍ରାମର ମୃତ ବିତରକ କୃଷ୍ଣଚନ୍ଦ୍ର ପାଢ଼ୀ(୪୮)ଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ମୃତ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ନୀତୁ ପାଢ଼ୀ, ପୁଅ ଆଦିତ୍ୟ, ସମୀର, ଭାଇ ରାମକୃଷ୍ଣଙ୍କ ଉପସ୍ଥିତିରେ ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଗତ ରବିବାର କୃଷ୍ଣଚନ୍ଦ୍ରଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆର୍ଥିକ ସହାୟତା ସମୟରେ 'ସକାଳ' ଖବର କାଗଜ ବିତରକ ରାଧାକୃଷ୍ଣ ରଥ, ପ୍ରସାରଣ ବିଭାଗର କହ୍ନେଇ ଚରଣ ମହାନ୍ତି, ବ୍ରହ୍ମପୁର ବିତରକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦୋରା, ସମ୍ପାଦକ ଲିଙ୍ଗରାଜ ଆଚାରୀ, କୋଷାଧ୍ୟକ୍ଷ ଭାଗୀରଥି ବେହେରା, ନିରଞ୍ଜନ ନାୟକ, ମନୋଜ କୁମାର ସାହୁ, ସନ୍ତୋଷ କୁମାର ପାଣିଗ୍ରାହୀ, ବିଶ୍ୱନାଥ ବେହେରା, ବିଜୟ ସାହୁ, ଜିନୁ କୁମାର ପାତ୍ର, ଦୀନବନ୍ଧୁ ସାମନ୍ତରାୟଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ ।



# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ; ଖଣି ମାଲିକ ଗିରଫ

## ସ୍ଥାନୀୟ ଅଭିଭାବକଙ୍କ ବିରୁଦ୍ଧରେ ନାବାଳିକା ଆଣିଲେ ସଂଗୀନ ଅଭିଯୋଗ



ବ୍ରହ୍ମପୁର,୨୮ ।୩(ସମିସ): ଜଣେ ନାବାଳିକାଙ୍କୁ ଅସଦାଚରଣ ଓ ଦୁଷ୍କର୍ମ ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ପ୍ରେମାନନ୍ଦ ଜଟି ଅଭିଯୋଗକାରୀ ତଥା ପୀଡ଼ିତା ନାବାଳିକାଙ୍କ ସ୍ଥାନୀୟ ଅଭିଭାବକ ବୋଲି ଜଣାପଡିଛି । ଘଟଣା ଦୁଇ ବର୍ଷ ପୁରୁଣା ହୋଇଥିବା ବେଳେ ସେତେବେଳେ ପୀଡ଼ିତା ଜଣକ ନାବାଳିକା ଥିଲେ । ସ୍ଥାନୀୟ ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ କୌଣସି କାରଣରୁ ନାବାଳିକାଙ୍କୁ ସୁବର୍ଣ୍ଣପୁର ଜିଲ୍ଲାରେ ଏକ ଘରୋଇ ବିଦ୍ୟାଳୟକୁ ବଦଳି କରାଯାଇଥିଲା । ସେଠାରେ ସ୍ଥାନୀୟ ଖଣି ମାଲିକ ପ୍ରେମାନନ୍ଦ ନାବାଳିକାଙ୍କ ସ୍ଥାନୀୟ ଅଭିଭାବକ ହୋଇଥିଲେ । ପରେ ସେ ନାବାଳିକାଙ୍କୁ ଅସଦାଚରଣ ଓ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏନେଇ ପୀଡ଼ିତା ଜଣକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଟାଉନ୍ ଥାନା ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହିତ ଉଭୟଙ୍କ ଡାକ୍ତରୀ ମାଇନା କରିଥିଲା । ପରେ ବିଳମ୍ବିତ ରାତିରେ ଅଭିଯୁକ୍ତ ତଥା ଖଣି ମାଲିକ ପ୍ରେମାନନ୍ଦ ଜଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବର୍ତ୍ତମାନ ଅଭିଯୋଗକାରିଣୀ ତଥା ପୀଡ଼ିତା ଜଣକ ପ୍ରାପ୍ତ ବୟସ୍କ ଥିବା ପୁଲିସ ସୁତ୍ରରୁ ଜଣାପଡିଛି । ତେବେ ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି ଟାଉନ ଥାନା ଅଧିକାରୀ ଆର. ଏସ. ପ୍ରଧାନ ।

# ଗଜପତିନଗରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର




ବ୍ରହ୍ମପୁର,୨୮ ।୩(ସମିସ): ସ୍ଥାନୀୟ ଖୋଡାସିଙ୍ଗି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗଜପତିନଗର ସ୍ଥିତ ପୌର ପାଠାଗାରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଡାକ୍ତର ବଂଶୀଧର ପାଢୀ, ଆଶାରାଣୀ ପାତ୍ର, ନିହାରିକା ମହାନ୍ତି, ଏଏନଏମ ପ୍ରତିମା ପ୍ରିୟଦର୍ଶିନୀ, ପ୍ରଶାନ୍ତ ଖଟୁଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଗଜପତିନଗର ଉନ୍ନୟନ କମିଟିର ପୂର୍ବତନ ସମ୍ପାଦକ ନିରଞ୍ଜନ ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ରାଜେନ୍ଦ୍ର କୁମାର ପଣ୍ଡା, ବିନୋଦ ମହାପାତ୍ର, ରାମମୋହନ ପଟ୍ଟନାୟକ, ବିଜୟ ବିଶ୍ୱାଳ, ନିର୍ମଳ ପାଢୀ, ମୂରଲୀ ପାଢୀ, ସୁଶାନ୍ତ ପାଢୀ, ଅନନ୍ତ ପଣ୍ଡା, ପ୍ରଫୁଲ୍ଲ ପଶୁପାଳକ, ଗୌତମ ମଲ୍ଲିକ, ଚନ୍ଦ୍ରଶେଖର ସାମନ୍ତ, ନରେନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଅଶୋକ ଚାନ୍ଦ ପରିଛା, ରାଜେଶ କୁମାର ସାହୁ ଓ ଦଣ୍ଡପାଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ରହି ନିଜନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ଗ୍ରହଣ କରିଥିଲେ ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପାଠଚକ୍ର




ବ୍ରହ୍ମପୁର,୨୮ ।୩(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଅଶୋକ ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ଼ ଯତୀନ ବିଷୋୟୀ ଅଧକ୍ଷତା କରିଥିଲେ । ତ୍ରିପୁରା ସ୍ଥିତ ଏନ୍‌ଆଇଟିର ଗଣିତ ବିଭାଗର ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଟେନସର ବିଜ୍ଞାନ କିପରି ମାନବ ସଭ୍ୟତାର ମୌଳିକ ଆବଶ୍ୟକତାରେ ଉପଯୋଗ ହୋଇପାରିବ ସେନେଇ ଉପସ୍ଥାପନା କରିଥିଲେ । ଅଧ୍ୟାପକ ଚିନ୍ମୟ ରାଉତ, ଅଧ୍ୟାପିକା ସୁପ୍ରିୟା ସାହୁ ଓ କର୍ମଚାରୀ ଜଗନ୍ନାଥ ଚୌଧୁରୀ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରୀ ମୋନାଲିସା ମାଇତି, ରାଜନ୍ତ ଉଠାଣସଂ, ମାନସୀ ସ୍ୱାଇଁ, ସମୀର କୁମାର ସାହୁ,ବିଶ୍ୱଜିତ ପାଢ଼ୀ, ଲିପ୍ସିତା ବେହେରା, ସାଜିଦ ଶତ୍ରୁଶଲ୍ୟ, ରଶ୍ମି ଜେନା, ସିମରନ୍ ରାଉତ ଓ ଶତାଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜନତା ସିଟିମଲ୍‌ରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍



ବ୍ରହ୍ମପୁର,୨୮ ।୩(ସମିସ): ଅଗ୍ନିଶମ ବିଭାଗ ପକ୍ଷରୁ ସହରର ଜନତା ସିଟି ମଲରେ ଅଗ୍ନି ନିରାପତ୍ତା ସମ୍ପର୍କୀତ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଜନସଚେତନତା ଏବଂ ଜରୁରୀକାଳୀନ ପ୍ରସ୍ତୁତି ନିଜକୁ କିଭଳି ପ୍ରସ୍ତୁତ ରଖିବା ସହ ଏଭଳି ପରିସ୍ଥିତିରେ ସପିଂ ମଲ୍ ଓ ବଡ଼ କୋଠାରୁ ସୁରକ୍ଷିତ ସ୍ଥାନାନ୍ତର ପ୍ରକ୍ରିୟାଗୁଡ଼ିକୁ ଦ୍ରୁତ, ସମନ୍ୱିତ ଏବଂ ସୁଚିନ୍ତିତ କାର୍ଯ୍ୟ ମାଧ୍ୟମରେ ଉକ୍ତ ମକଡ୍ରିଲ୍ ସାହାଯ୍ୟରେ ସଚେତନ କରାଯାଇଥିଲା । ଏହା ସହ ଆଧୁନିକ ଅଗ୍ନି ନିର୍ବାପକ ଉପକରଣର ବ୍ୟବହାର ଓ ଜରୁରୀକାଳୀନ ପରିସ୍ଥିତିରେ କ୍ଷୟକ୍ଷତିକୁ କମ କରିବାକୁ ନେଇ ଆଲୋକପାତ କରିଥିଲା । ଜନସାଧାରଣଙ୍କୁ ମୌଳିକ ଅଗ୍ନି ନିରାପତ୍ତା ପଦକ୍ଷେପ ବିଷୟରେ ମଧ୍ୟ ଶିକ୍ଷା ଦିଆଯାଇଥିଲା । ମକ୍ ଡ୍ରିଲ୍‌ରେ ଡେପୁଟି ଅଗ୍ନିଶମ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମାରାଣ୍ଡି, ଏଏଫଓ ଠାକୁର ପ୍ରସାଦ ଦଳାଇ. ବିଇଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

**● ବେଙ୍ଗାଲୁରୁ ଗଞ୍ଜେଇ ଚୋରା ଚାଲାଣ**

# ବ୍ରହ୍ମପୁରରୁ ଯୁବକ ଗିରଫ

ବ୍ରହ୍ମପୁର,୨୮ ।୩(ସମିସ): ବ୍ରହ୍ମପୁର ରେଳ ଷ୍ଟେସନ ଦେଇ ବେଙ୍ଗାଲୁରୁ ଗଞ୍ଜେଇ ଚୋରା ଚାଲାଣ ବେଳେ ପାଟପୁର ଥାନା ଅଞ୍ଚଳର ବିସ୍ମୟ ବାଡ଼ତ୍ୟା(୨୦)ଙ୍କୁ ବ୍ରହ୍ମପୁର ରେଳବାଇ ଥାନା ପୁଲିସ(ଜିଆର୍‌ପି) ଗିରଫ କରିଛି । ଅଭିଯୁକ୍ତ ନିକଟରୁ ଏକ ଟ୍ରଲି ବ୍ୟାଗ୍‌ରେ ଭର୍ତ୍ତି ୧୨ କେଜି ଗଞ୍ଜେଇ ଜବତ କରାଯାଇଛି ।

ସୂଚନା ମୁତାବକ, ଶୁକ୍ରବାର ଜିଆର୍‌ପି ଆରପିଏଫ୍ ପକ୍ଷରୁ ମିଳିତ ଭାବେ ରେଳ ଷ୍ଟେସନ ପରିସରରେ ପାଟ୍ରୋଲିଂ କରିଥିବାବେଳେ ୪ ନମ୍ବର ପ୍ଲାଟଫର୍ମରେ ବିସ୍ମୟ ଟ୍ରଲି ବ୍ୟାଗ୍ ଧରି ଛିଡ଼ା ହୋଇଥିଲେ । ପୁଲିସ ତାଙ୍କୁ ଯାଞ୍ଚ କରିବାରୁ ସେ ଧରିଥିବା ଟ୍ରଲି ବ୍ୟାଗରେ ୩ଟି ଜରି ପୁଡ଼ାରେ ଗଞ୍ଜେଇ ମିଳିଥିଲା । ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରା ଉଚରା ପରେ ବିସ୍ମୟ ଏହି ଗଞ୍ଜେଇକୁ ପ୍ରଥମେ ବିଶାଖାପାଟଣା ଓ ପରେ ସେଠାରୁ ବେଙ୍ଗାଲୁରୁ ନେଇ ଯାଉଥିବା କହିଥିଲା । ତାଙ୍କୁ ବିଜିପୁର ଛକ ନିକଟରେ ଜଣେ ବ୍ୟକ୍ତି ଉକ୍ତ ବ୍ୟାଗ୍ ଦେଇଥିବାବେଳେ ସେ ବେଙ୍ଗାଲୁରୁରେ ଜଣଙ୍କୁ ସେହି ବ୍ୟାଗ୍ ପ୍ରଦାନ କରିବାର ଥିଲା । ଏଥିପାଇଁ ଅଭିଯୁକ୍ତଙ୍କୁ କିଛି ଟଙ୍କା ମିଳିଥାନ୍ତା । ଏହା ପୂର୍ବରୁ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଦିବ୍ୟଜୀବନ ସଂଘ ମହିଳା ଶାଖା ପକ୍ଷରୁ ପାରାୟଣ

ବ୍ରହ୍ମପୁର,୨୮ ।୩(ସମିସ): ପବିତ୍ର ଚୈତ୍ର ନବରାତ୍ରୀ ଉପଲକ୍ଷେ ବ୍ରହ୍ମପୁର ଦିବ୍ୟ ଜୀବନ ସଂଘ, ମହିଳା ଶାଖା ପକ୍ଷରୁ ଆଶ୍ରମ ପରିସରରେ ବରିଷ୍ଠ ଗୁରୁଭାଇ ଶ୍ରୀନିବାସ ପାତ୍ର ଓ ମମତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶ୍ରୀରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ସଂଘ ସମନ୍ୱୟ ସମିତିର କୋଷାଧକ୍ଷ ଶାନ୍ତିଭୂଷଣ ପଣ୍ଡାଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ଗାନ୍ଧୀନଗର ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମର ପ୍ରାୟ ଶତାଧିକ ଅନ୍ତେବାସୀଙ୍କୁ ପବିତ୍ର ଶ୍ରୀରାମ ନବମୀ ଦିନ ଫଳ ଓ ମିଠା ବଣ୍ଟନ କରାଯାଇଥିଲା । ସଂଘର ଉପଦେଷ୍ଟା ରୀନା ପାଢ଼ୀ, ଶ୍ରୀରାମଙ୍କ ଅଶୀର୍ବାଦ ଭିକ୍ଷା କରିଥିଲେ । ଏ ଅବସରରେ ପୁରୁଷୋତ୍ତମ ପ୍ରଭୁଙ୍କ ଅର୍ଚ୍ଚନା, ଅଭିଷେକ, ପୂଜା ଓ ହୋମ ବରିଷ୍ଠ ଗୁରୁଭାଇ ଅରୁଣ କୁମାର ଦାସଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । କାର୍ଯ୍ୟକ୍ରମକୁ ସଂଘର ପ୍ରବୀଣା ମିଶ୍ର, ଲକ୍ଷ୍ମୀ ପାତ୍ର, ଲିପି ସାହୁ, ମମତା ପ୍ରଧାନ, ପ୍ରଶାନ୍ତ କୁମାର ନନ୍ଦ, ଟୁନି ପାଢ଼ୀ, ଶକୁନ୍ତଳା ସ୍ୱାଇଁ, ସୁଜାତା ପଟ୍ଟନାୟକ, ଧୋବେନ୍ଦ୍ର ସୁବୁଦ୍ଧି, ଅନମିତା ପଣ୍ଡା, ମାମି ବେହେରା, କୁମାରୀ ମହାରଣା, ପ୍ରମିଳା ମହାରଣା, ଭାରତୀ ମିଶ୍ର ଓ ଏମ୍ ଶକୁନ୍ତଳା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସଭାନେତ୍ରୀ ଜ୍ୟୋସ୍ନାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



# ବ୍ରହ୍ମପୁରରେ ହେବ ଇଏସ୍‌ଆଇସିର ସୁପର ସ୍ପେସିଆଲିଟି ହସ୍ପିଟାଲ

ବ୍ରହ୍ମପୁର,୨୮ ।୩(ସମିସ)

**● ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପାଇଁ ଚିହ୍ନଟ ହୋଇଛି ୫ଏକର ଜମି**

**● ୨୦୨୮ ସୁଦ୍ଧା କାର୍ଯ୍ୟକ୍ଷମ ଲକ୍ଷ୍ୟ**

କର୍ମଚାରୀ ରାଜ୍ୟ ବିମା ନିଗମ(ଇଏସ୍‌ଆଇସି) ପକ୍ଷରୁ ଦକ୍ଷିଣ ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । କିଛିମାସ ପୂର୍ବେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ "ଇଏଆଇସି'ର ୧୯୭ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ ବୈଠକରେ ବ୍ରହ୍ମପୁରଠାରେ ହେବାକୁ ଥିବା ଏହି ପ୍ରକଳ୍ପ ଲାଗି ଅନୁମୋଦନ ମିଳିସାରିଛି । ଏହିକ୍ରମରେ ବ୍ରହ୍ମପୁରରେ ଏକ ଆଧୁନିକ ସୁପର ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କରାଯିବ । ଫଳରେ ବୀମା ହିତାଧିକାରୀ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ରାଜ୍ୟ କିମ୍ବା ପଡ଼ୋଶୀ ଜିଲ୍ଲାକୁ ଦୌଡ଼ିବାକୁ ପଡ଼ିବ ନାହିଁ । ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର ସମେତ ଛତ୍ରପୁର ଓ ଆସିକାଠାରେ ଇଏସ୍‌ଆଇସିର ୩ଟି ଡିସପେନସରି ତଥା ଚିକିତ୍ସାଳୟ ରହିଛି । ଉକ୍ତ ଡିସପେନସାରିରେ ପ୍ରାଥମିକ ଚିକିତ୍ସା ସହ ଜରୁରିକାଳୀନ ପରିସ୍ଥିତିରେ ଅନୁବନ୍ଧିତ ଡାକ୍ତରଖାନାକୁ ରେଫର କରାଯାଉଛି । ଜିଲ୍ଲାରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଇଏସ୍‌ଆଇ ଅଧୀନରେ ୨୯ହଜାର ୬୭୬ ଜଣ ହିତାଧିକାରୀ ରହିଛନ୍ତି । କିନ୍ତୁ ବ୍ରହ୍ମପୁରରେ ସୁପର ସ୍ପେସିଆଲିଷ୍ଟ ଚିକିତ୍ସା ସୁବିଧା ନଥିବା ବେଳେ ଉତ୍ତମ ଚିକିତ୍ସା ନିମନେ ରୋଗୀ ବିଭିନ୍ନ ଘରୋଇ ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି । ହିତାଧିକାରୀଙ୍କ ଚିକିତ୍ସା ଲାଗି ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶର ୨ଟି ଏବଂ ଓଡ଼ିଶାର ୯୫ଟି ଅନୁବନ୍ଧିତ ଘରୋଇ ହସ୍ପିଟାଲକୁ ରେଫର କରାଯାଉଛି । ଏଭଳି କ୍ଷେତ୍ରରେ ରୋଗୀଙ୍କୁ ସଠିକ ସମୟରେ ଉପଯୁକ୍ତ ଚିକିତ୍ସା ମିଳିବା କଷ୍ଟକର ହୋଇଛି । ଏହାକୁ ଦୃଷ୍ଟିରେ ରଖି କର୍ମଚାରୀ ରାଜ୍ୟ ବିମା ନିଗମ ପକ୍ଷରୁ ବ୍ରହ୍ମପୁରରେ ସୁପର ସ୍ପେସିଆଲିଟି ହସ୍ପିଟାଲ ନିମନ୍ତେ ନିଷ୍ପତି ହୋଇଛି । ଏଥି ନିମନ୍ତେ ଲାଞ୍ଜିପଲ୍ଲୀ ବାଇପାସଠାରୁ ଅଳ୍ପ ଦୂରରେ ୫ ଏକର ଜମି ଚିହ୍ନଟ ସହ ଅଧିଗ୍ରହଣ ପ୍ରକ୍ରିୟା ସରିଥିବା ଜଣାପଡ଼ିଛି । ଆସନ୍ତା ୨୦୨୮ ସୁଦ୍ଧା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ନେଇ ଲକ୍ଷ୍ୟ ରଖାଯାଇଛି । ପ୍ରଥମେ ୧୦୦ଶଯ୍ୟା ବିଶିଷ୍ଟ ଉକ୍ତ ହସ୍ପିଟାଲର କାର୍ଯ୍ୟକ୍ଷେମ ହେବାକୁ ଥିବା ବେଳେ ଭବିଷ୍ୟତରେ ଶଯ୍ୟା ସଂଖ୍ୟା ୧୫୦କୁ ବୃଦ୍ଧି କରିବା ଯୋଜନା ରହିଥିବା ପ୍ରାରମ୍ଭିକ ସୂଚନା ମିଳିଛି । ଅନ୍ୟପକ୍ଷରେ ନିୟମିତ ହିତାଧିକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରହ୍ମପୁରରେ ଏକ ଆଧୁନିକ ସୁପର ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଛି । ଏହା ଦ୍ୱାରା ଜିଲ୍ଲାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆସିବ ବୋଲି ବ୍ରହ୍ମପୁର ଶାଖା ପରିଚାଳକ ସ୍ନେହା ସିଦ୍ଧି ସୂଚନା ଦେଇଛନ୍ତି ।

ସକାଳ
THE SAKALA





**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୭୦ ● ପାଉଣ୍ଡ ୧୨୫.୫୮
- ୟୁରୋ ୧୦୮.୬୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୫,୭୫୦ (ଭୁବନେଶ୍ୱର)
- ରୁପା : ୨,୪୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୫୮୩.୦୦
- ନିଫ୍ଟି ୨୨,୮୧୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଟଙ୍କା ଅବମୂଲ୍ୟାୟନ ମଧ୍ୟରେ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ନିର୍ଦ୍ଦେଶ

# ୫୦ କୋଟିରୁ ଅଧିକ ରଖିପାରିବେନି ବ୍ୟାଙ୍କ

**ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି):** ଅନ୍ତର୍ଜାତୀୟ ବଜାରରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ଏହାର ମୁକାବିଲା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ବଡ଼ ପଦକ୍ଷେପ ନେଇଛି। ଏବେ ବ୍ୟାଙ୍କ ଗୁଡ଼ିକ ନିଜ ପାଖରେ ଦିନକୁ ୧୦୦ ନିୟୁତ ଡଲାର ଅର୍ଥାତ ୯୫୦ କୋଟି ଟଙ୍କାରୁ ଅଧିକ ରଖିପାରିବେ ନାହିଁ। ଆରବିଆଇ ପକ୍ଷରୁ ଏ ନେଇ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ପୂର୍ବରୁ ବ୍ୟାଙ୍କ ଦିନକୁ ୩୦୦ରୁ ୫୦୦ ନିୟୁତ ଡଲାର ଅର୍ଥାତ ୨୮୪୫ରୁ ୪୭୪୩ କୋଟି ଟଙ୍କା ପର୍ଯ୍ୟନ୍ତ ରଖିପାରୁଥିଲେ। ଆରବିଆଇ ନିର୍ଦ୍ଦେଶ ଦ୍ୱାରା ନିଜ ପାଖରେ ବ୍ୟାଙ୍କଗୁଡ଼ିକ ରଖିଥିବା ଅତିରିକ୍ତ ଡଲାରକୁ ବଜାରରେ ବିକିବେ। ଏହା ଦ୍ୱାରା ଟଙ୍କା ମୂଲ୍ୟ ମଜବୁତ ହେବ। ବିଦେଶରେ ସାମଗ୍ରୀ କ୍ରୟ, ପାଠପଢ଼ା ଏବଂ ବୁଲିବା ଶସ୍ତା ହେବ। ଏହା ବ୍ୟତୀତ ମୋବାଇଲ୍, ଲ୍ୟାପଟପ୍ ଭଳି ଇଲେକ୍ଟ୍ରୋନିକ୍ସ ଉତ୍ପାଦ ମଧ୍ୟ ଶସ୍ତା ହୋଇପାରେ। ଏହି ନିର୍ଦ୍ଦେଶ ଜାରି କରିବାର ଦିନକ ତଳେ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ୯୪.୫୯ ର ସର୍ବନିମ୍ନ ସ୍ତରକୁ ଖସି ଆସିଥିଲା।




ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ହେଉଥିବା ହ୍ରାସ ଏବଂ ବଜାରର ଅସ୍ଥିରତାକୁ ଦୃଷ୍ଟିରେ ରଖି ଆରବିଆଇ ଏହି ପଦକ୍ଷେପ ନେଇଛି। ନିର୍ଦ୍ଦେଶ ଜାରି କରି ଆରବିଆଇ ସମସ୍ତ ବ୍ୟାଙ୍କଗୁଡ଼ିକୁ କହିଛି ଯେ ପ୍ରତ୍ୟେକ କାର୍ଯ୍ୟ ଦିବସର ଶେଷରେ 'ଅନସୋର୍ ଡେଲିଭରରେବଲ୍ ମାର୍କେଟ'ରେ ଭାରତୀୟ ମୁଦ୍ରା ଉପରେ ନିଜର ନେଟ୍ ଓପନ୍ ପୋଜିସନ୍ (ଏଲଓପି-ଏନଆଇଏର) କୁ ୧୦୦ ମିଲିୟନ ଡଲାର ମଧ୍ୟରେ ସୀମିତ ରଖନ୍ତୁ। ଅର୍ଥାତ ବ୍ୟାଙ୍କଗୁଡ଼ିକୁ ପ୍ରତ୍ୟେକ ଦିନ କାର୍ଯ୍ୟ ଶେଷରେ ନିଜର ବିଦେଶୀ ମୁଦ୍ରା କାରବାରକୁ ଏହି ସୀମା ମଧ୍ୟରେ ରଖିବାକୁ ହେବ। ସମସ୍ତ ଅଧିକୃତ ବିଦେଶୀ ମୁଦ୍ରା ଡିଲରମାନଙ୍କୁ ଏହି ନୂତନ ନିୟମ ପାଳନ କରିବା ପାଇଁ ଏପ୍ରିଲ ୧୦ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏଚଡିଏଫସି ସିକ୍ୟୁରିଟିଜ୍‌ର ଏଫଏକ୍ସ ଆନାଲିଷ୍ଟ ଦିଲୀପ ପରମାରଙ୍କ ଅନୁଯାୟୀ, ଏହି ପଦକ୍ଷେପ ଦ୍ୱାରା ସେୟାର ବଜାରରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଡଲାରରେ ନିଆଯାଉଥିବା 'ଲଙ୍ଗ୍ ପୋଜିସନ୍' ହ୍ରାସ ପାଇବ। ଏହାଦ୍ୱାରା ବଜାର ଖୋଲିବା ସମୟରେ ଟଙ୍କାର ମୂଲ୍ୟରେ ହେଉଥିବା ହଠାତ୍ ଏବଂ ବଡ଼ ଧରଣର ହ୍ରାସକୁ ରୋକିବାରେ ସହାୟତା ମିଳିବ।

ନେଟ୍ ଓପନ୍ ପୋଜିସନ୍‌ର ଅର୍ଥ ହେଉଛି ସେହି ମୋଟ ବିଦେଶୀ ମୁଦ୍ରା ଯାହାକୁ ବ୍ୟାଙ୍କଗୁଡ଼ିକ କିଣିଛନ୍ତି କିମ୍ବା ବିକ୍ରି କରିଛନ୍ତି, କିନ୍ତୁ ତାହାକୁ ସୁରକ୍ଷିତ କରିନାହାନ୍ତି। ନିୟମ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ନିଜର ସମୁଦାୟ ପୁଞ୍ଜିର ୨୫% ପର୍ଯ୍ୟନ୍ତ ସୀମା ନିଜେ ସ୍ଥିର କରିପାରୁଥିଲେ। କିନ୍ତୁ ଏବେ ଆରବିଆଇ ଏହାକୁ ସିଧାସଳଖ ୧୦୦ ମିଲିୟନ ଡଲାରରେ ସୀମିତ ରଖିଦେଇଛି।

ଦିଲୀପ ପରମାର କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ପ୍ରାୟତଃ ବଡ଼ ଧରଣର ଫୋରେକ୍ସ ପୋର୍ଟଫୋଲିଓ ରଖିଥାନ୍ତି, ଯେଉଁଥିରୁ କିଛି ଅଂଶକୁ ଆର୍ବିଟ୍ରାଜ୍ ପାଇଁ ବ୍ୟବହାର କରାଯାଇଥାଏ। ଯେତେବେଳେ ବ୍ୟାଙ୍କଗୁଡ଼ିକ ବଡ଼ ସ୍ତରରେ ବିନା ସୁରକ୍ଷା ବିଶିଷ୍ଟ ଟ୍ରେଡିଂ ରଖନ୍ତି, ସେତେବେଳେ ଏହା ଇଣ୍ଟ୍ରା-ଡେ ଟ୍ରେଡିଂରେ ଟଙ୍କାର ମୂଲ୍ୟରେ ଦ୍ରୁତ ପରିବର୍ତ୍ତନ ଆଣିଥାଏ। ଆରବିଆଇ ପୂର୍ବରୁ ବ୍ୟାଙ୍କଗୁଡ଼ିକୁ ସତର୍କ କରାଇଥିଲା। ମାତ୍ର ଏବେ ଏହାକୁ ନେଇ ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରିଛି।

## କୃଷିକୁ ସୁଦୃଢ଼ କରୁଛି ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା



**ଝାରସୁଗୁଡ଼ା, ୨୮।୩ (ସମିସ):** ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ କେନ୍ଦ୍ରିତ ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ନିଜର ମୂଳ କାର୍ଯ୍ୟଠାରୁ ଅଧିକ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗେଇ ନେଉଛି। ସ୍ଥାୟୀ ଏବଂ ସମାନ ପ୍ରଗତି ପ୍ରତି ଦୃଢ଼ ପ୍ରତିବଦ୍ଧତା ଦ୍ୱାରା ଚାଳିତ କମ୍ପାନୀ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି। ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହନ ଏବଂ ଗ୍ରାମୀଣ ସମ୍ପ୍ରଦାୟ ମଧ୍ୟରେ ଜୀବନର ଗୁଣବତା ଉନ୍ନତ ପାଇଁ ଦୀର୍ଘକାଳୀନ କାର୍ଯ୍ୟକ୍ରମରେ ନିବେଶ କରୁଛି। ଭେଦଗ୍ରାମ ପ୍ରକଳ୍ପ ମାଧ୍ୟମରେ କମ୍ପାନୀର ଝାରସୁଗୁଡ଼ା ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ କୃଷି ଉତ୍ପାଦନ ବୃଦ୍ଧି, ଆୟ ଉତ୍ସକୁ ବିବିଧ କରିବା ଏବଂ ନିରନ୍ତର କୃଷି ପଦ୍ଧତିକୁ ପ୍ରୋତ୍ସାହନ ଦେଉଛି। ଏଥିରେ ବଞ୍ଜାରୀ, ସିରିଆପାଲି, ପ୍ରମାଣପୁର, କାଟିକେଲା, ପତ୍ରପାଲି, ବଡ଼ମାଲ, ଭୂରକାମୁଣ୍ଡା, ଡାଲକି, ଭାଗିପାଲି ଏବଂ ପାଣ୍ଡ୍ରିପଥର ଅନ୍ତର୍ଭୁକ୍ତ। ଏହି ଅଞ୍ଚଳଗୁଡ଼ିକରେ କୃଷି, ପଶୁପାଳନ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପକୁ ନେଇ ସମନ୍ୱିତ ହସ୍ତକ୍ଷେପର ଏକ ଶୃଙ୍ଖଳା ମାଧ୍ୟମରେ ଚାଷୀମାନଙ୍କୁ ଜୀବିକା ଭିତ୍ତିକ ଅଭ୍ୟାସରୁ ଅଧିକ ସ୍ଥିର ଏବଂ ଆୟ-ଉତ୍ପାଦନକାରୀ ମଡେଲକୁ ପରିବର୍ତ୍ତନ କରିବାକୁ ସକ୍ଷମ କରୁଛି। ଏହାକୁ ନେଇ ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେଉଁ ସମ୍ପ୍ରଦାୟରେ କାର୍ଯ୍ୟ କରୁଛୁ ସେଠାରେ ମାପଯୋଗ୍ୟ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ବେଦାନ୍ତର ଉଦ୍ଦେଶ୍ୟ। ଭେଦଗ୍ରାମ ମାଧ୍ୟମରେ ମାଟିରୁ ବଜାର ପର୍ଯ୍ୟନ୍ତ ସମଗ୍ର ଗ୍ରାମୀଣ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରୁଛୁ।

## କଟକରେ ଖୋଲିଲା କିସ୍‌ନାର ନୂଆ ଶୋ'ରୁମ



**କଟକ,୨୮।୩ (ସମିସ):** କିସ୍‌ନା ଡାଇମଣ୍ଡ ଓ ଗୋଲ୍ଡ ଜୁଏଲାରୀ ପକ୍ଷରୁ ଓଡ଼ିଶାରେ ଚତୁର୍ଥ ଶୋ'ରୁମ ଖୋଲାଯାଇଛି। କଟକର କ୍ୟାଂଟନମେଂଟ ରୋଡ, ଲକ୍ଷ୍ମୀ ଟିଭିଏସ ପାଖ, ବକ୍ସିବଜାରରେ ସ୍ଥିତ ଏହି ଶୋ'ରୁମର ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ହରି କ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗ ଦେଇଛନ୍ତି। ଏହି ଅବସରରେ କିସ୍‌ନା ପକ୍ଷରୁ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ଆରମ୍ଭ କରାଯାଇଛି। ଏଥିରେ ହୀରା ଅଳଙ୍କାର ଉପରେ ୫%ର ଅତିରିକ୍ତ ରିହାତି ରହିଛି । ଏବେ ପାର୍ବଣ ଋତୁର ଅଂଶ ଭାବେ କିସ୍‌ନା 'ଅକ୍ଷୟ ହାପିନେସ୍ କ୍ୟାମ୍ପେନ' ଅଧିନରେ 'ଦ ବିଗେଷ୍ଟ ଫେଷ୍ଟିଭ ଅଫର'ର ଘୋଷଣା କରାଯାଇଛି। ଏଥିରେ ହୀରା ଓ ସୁନା ଅଳଙ୍କାର ଉପରେ ଏକାଧିକ ଉତ୍ସାହଜନକ ଅଫର ଅନ୍ତର୍ଭୁକ୍ତ କରିଛି । ଉଦ୍‌ଘାଟନୀରେ ହରି କ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଢୋଲକିଆ କହିଛନ୍ତି ଯେ ଓଡ଼ିଶାରେ ଆମର ଏକ୍ସକ୍ଲୁସିଭ ଶୋ'ରୁମର ଶୁଭାରମ୍ଭ ଉଚ୍ଚ-ସମ୍ଭାବନାପୂର୍ଣ୍ଣ ଅଂଚଳଗୁଡିକରେ ବଜାର ସମ୍ପ୍ରସାରଣ ପାଇଁ କିସ୍‌ନାର ମୂଳ ଆଭିମୁଖ୍ୟକୁ ଆଲୋକପାତ କରୁଛି । ଏହି ସମ୍ପ୍ରସାରଣ 'ହର୍ ଘର୍ କିସ୍‌ନା'ର ଆମର ଦୃଷ୍ଟିକୋଣ ସହ ଜଡିତ ରହିଛି । ଏହି ଅବସରରେ କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ସିଇଓ ପରାଗ ଶାହ, ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ ପାର୍ଟନର ଶେଖ ଗୁଲାମ ମୁସ୍ତାଫା ଓ ଶେଖ ନିସାର ମୁସ୍ତାଫା ଉପସ୍ଥିତ ଥିଲେ । କିସ୍‌ନା ପକ୍ଷରୁ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ ୪୦% ରିହାତି ଓ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୩୦%ର ରିହାତି ପ୍ରଦାନ କରାଯାଉଛି । ଉପଭୋକ୍ତାମାନେ ହୀରା ଓ ସୁନା ଅଳଙ୍କାରର ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ ଗ୍ରାମ ଓ ୨୦ ଗ୍ରାମର ସିଲଭର କଏନ ମାଗଣାରେ ପାଇପାରିବେ ଏବଂ ପୁରୁଣା ସୁନା ଉପରେ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପାଇପାରିବେ। ଆଇସିଆଇସିଆଇ କ୍ରେଡିଟ ଓ ଡେବିଟ କାର୍ଡ ଉପରେ ୫%ର ତତ୍କାଳ ରିହାତି ରହିଛି। ଏହି ବ୍ରାଣ୍ଡ ଶୁଭାରମ୍ଭ ଅବସରରେ ଅବହେଳିତ ଲୋକଙ୍କ ପାଇଁ ଏକ ଖାଦ୍ୟ ବିତରଣ କାର୍ଯ୍ୟକ୍ରମର ଆୟୋଜନ କରିଛି । ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ଏକ ରକ୍ତଦାନ ଶିବିର ମଧ୍ୟ କରାଯାଇଥିଲା।

**ଭାଇବ୍ରାଣ୍ଟ ଓଡ଼ିଶା କନକ୍ଲେଭ୍-୨୦୨୬ରେ ବାଚସ୍ପତି ସୁରମା ପାଢ଼ୀ**

## 'ସାମଗ୍ରିକ ବିକାଶ ଦ୍ୱାରା ୫୦୦ ବିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ହୋଇପାରିବ'

**ଭୁବନେଶ୍ୱର, ୨୮।୩ (ସମିସ):** ଓଡ଼ିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଏହି ଲକ୍ଷ୍ୟ ବର୍ତ୍ତମାନ ପରିସ୍ଥିତିରେ ବିଶାଳ ଲାଗିଲେ ବି ଏହାକୁ କେବଳ ଦୃଢ କାର୍ଯ୍ୟ ନିଷ୍ପାଦନ ଦ୍ୱାରା ହାସଲ କରାଯାଇପାରିବ ବୋଲି ବିଶେଷଜ୍ଞମାନେ ଶନିବାର ଦିନ ଭାଇବ୍ରାଣ୍ଟ ଓଡ଼ିଶା କନ୍‌କ୍ଲେଭ-୨୦୨୬ରେ ମତ ପ୍ରକାଶ କରିଛନ୍ତି। 'ଇଣ୍ଡସ ଭ୍ୟାଲି ଟାଇମ୍ସ' ଓ ନୂଆଦିଲ୍ଲୀ ଭିତ୍ତିକ 'ସେଣ୍ଟର ଫର ସୋସିଓ-ଇକନୋମିକ୍ ଷ୍ଟଡିଜ୍ ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି କନକ୍ଲେଭରେ ନୀତିନିର୍ଦ୍ଧାରକ, ଶିଳ୍ପ ନେତୃତ୍ୱ, ଅର୍ଥନୀତିବିଦ୍ ଓ ବରିଷ୍ଠ ସାମ୍ବାଦିକମାନେ '୫୦୦ ବିଲିୟନ ଅର୍ଥନୀତି: ଓଡ଼ିଶାର ପରିବର୍ତ୍ତନର ଦଶକ' ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଜିନ୍ଦଲ୍ ଷ୍ଟିଲ୍ ପ୍ରେସିଡେଣ୍ଟ ପ୍ରଶାନ୍ତ କୁମାର ହୋତା, ପ୍ରସିଦ୍ଧ ଚିକିତ୍ସକ ଡା. ଅଶୋକ ଆଚାର୍ଯ୍ୟ, ବିଜେପି ନେତା ସତ୍ୟବ୍ରତ ପଣ୍ଡା ଏବଂ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ସଞ୍ଜୟ କୁମାର ଜେନା ଓ ଅକ୍ଷୟ କୁମାର ସାହୁ ଉପସ୍ଥିତ ଥିଲେ। ସଭାକୁ ସମ୍ବୋଧନ କରି ବାଚସ୍ପତି କହିଥିଲେ ଯେ ରାଜ୍ୟ ସରକାର କୃଷି ଓ ଶିଳ୍ପ ଉନ୍ନତିକୁ ସମାନ ଗୁରୁତ୍ୱ ଦେଉଛନ୍ତି। ସେ କୃଷକମାନଙ୍କୁ ନୂତନ ପ୍ରଯୁକ୍ତି, ଉନ୍ନତ କୃଷି ଉତ୍ପାଦ ସହାୟତା ଓ ବଜାର ସୁବିଧା ଦ୍ୱାରା ସଶକ୍ତ କରିବାକୁ ଚାଲିଥିବା ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମସ୍ତ କ୍ଷେତ୍ରର ସମତୁଲ୍ୟ ବିକାଶ ହେଲେ ସ୍ଥାୟୀ ଓ ସହନଶୀଳ ଅର୍ଥନୈତିକ ପ୍ରଗତି ସମ୍ଭବ ହେବ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ବିଭିନ୍ନ କ୍ଷେତ୍ରର ମନ୍ଥର ଗତିକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ। ସେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମମାନଙ୍କର ସମୟୋପଯୋଗୀ ସମୀକ୍ଷାର ଆବଶ୍ୟକତା ଉପରେ ଜୋର ଦେଇ କହିଥିଲେ ଯେ ନୀତିର ଉଦ୍ଦେଶ୍ୟ ପ୍ରାୟୋଗିକ ଫଳାଫଳରେ ପରିଣତ ହେବା ପାଇଁ ନିୟମିତ ସମୀକ୍ଷା ଓ ମୂଲ୍ୟାଙ୍କନ ଅତ୍ୟାବଶ୍ୟକ। ବର୍ତ୍ତମାନ ରାଜ୍ୟ ବିଜେପି ସରକାର ଯୋଜନା ପ୍ରଣୟନ ଓ କାର୍ଯ୍ୟକାରିତାରେ ବହୁତ ଫରକ ରହୁଛି। ତେଣୁ ଏହାର ସମୀକ୍ଷା କରିବା ଆବଶ୍ୟକ।




## କଟକରେ ଗ୍ରାମୀଣ ଜଳର ସ୍ଥାୟିତ୍ୱକୁ ପ୍ରୋତ୍ସାହନ ଦେଉଛି ଡାଲ୍‌ମିଆ ଭାରତ ଫାଉଣ୍ଡେସନ୍



**କଟକ, ୨୭।୩ (ସମିସ):** ସ୍ଥାୟୀ ଗ୍ରାମୀଣ ବିକାଶ ଏବଂ ଜଳ ପରିଚାଳନା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍। ଏହାର ସିଏସ୍‌ଆର୍ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ୍ (ଡିବିଏଫ୍) କଟକର କାନପୁର ଗ୍ରାମରେ ବାଉତିଝର ପୋଖରୀର ଉଦ୍‌ଘାଟନ କରିଛି। ପଞ୍ଚାୟତ ସମିତି ସଭ୍ୟ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ଗ୍ରାମ୍ୟ ନେତାଙ୍କ ଉପସ୍ଥିତିରେ ଡିସିବିଏଲ୍ କେସିଡବ୍ଲ୍ୟୁର ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ ଏବଂ ଗରୁଡ଼ଗାଁ ସରପଞ୍ଚ ସୁଶ୍ରୀ ଦୀପ୍ତିମୟୀ ବେହେରାଙ୍କ ଦ୍ୱାରା ଏହି ପୋଖରୀଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ବାଉତିଝର ପୋଖରୀର ଜଳ ଧାରଣ କ୍ଷମତା ପାଖାପାଖି ୯୦୦ ଘନ ମିଟର ରହିଛି। ଏହି ବ୍ୟାପକ କ୍ଷମତା ସ୍ଥାନୀୟ ଜଳ ଆବଶ୍ୟକତା ପୂରଣ କରିବ। ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହେବ ଏବଂ ଗ୍ରାମରେ ସାମଗ୍ରିକ ଜଳ ସୁରକ୍ଷାକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ସହିତ କୁସୁପଡ଼ା ଗ୍ରାମର ଅଳଖରା ପୋଖରୀ, କାନପୁର ଗ୍ରାମର ବାଉତିଝର ପୋଖରୀ, ଅମିୟାଝରୀ ଗ୍ରାମର ଭାଲୁଖାଇ ପୋଖରୀ, କହ୍ନେଇପୁରର ଧନୁ ସାହୁ ଠେଙ୍ଗା ପୋଖରୀ, ବୈରୀ ଗ୍ରାମର କଇଁଥି ଗାଡ଼ିଆ ପୋଖରୀ ଏବଂ ଅମିୟାଝରୀ ଗ୍ରାମର ନୂଆଖାଇ ପୋଖରୀ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି।

### ଯୁଦ୍ଧ ମଧ୍ୟରେ ବଡ଼ ଝଟ୍‌କା ଦେଲା ରୁଷ୍

# ୪ ମାସ ଯାଏଁ ପେଟ୍ରୋଲ ରପ୍ତାନୀ ଉପରେ କଟକଣା

**ମସ୍କୋ, ୨୮।୩ (ଏଜେନ୍ସି):** ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ପାଇଁ ମଧ୍ୟପ୍ରାଚ୍ୟ ସମେତ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଦେଇ ଆମେରିକା, ଇସ୍ରାଏଲ ଏବଂ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକର ତୈଳ ଟ୍ୟାଙ୍କରକୁ ଇରାନ ଯିବାକୁ ଦେଉନାହିଁ। ଅନ୍ୟ ଦେଶର ଜାହାଜ ଗୁଡ଼ିକ ଉପରେ ମଧ ବିପୁଳ ଅର୍ଥ ଆଦାୟ କରୁଛି। ନିଜ ମନ ମୁତାବକ ଜାହାଜକୁ ଅତିକ୍ରମ କରିବା ପାଇଁ ଇରାନ ଅନୁମତି ଦେଉଛି। ତେଣୁ ମଧ୍ୟପ୍ରାଚ୍ୟର ଅନେକ ଦେଶ ଏବେ ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛନ୍ତି। ୟୁରୋପ ସ୍ଥିତି ମଧ୍ୟ ସେତେ ଭଲ ନାହିଁ। ଏଭଳି ସ୍ଥିତିରେ ରୁଷ ବଡ଼ ପଦକ୍ଷେପ ନେଇଛି। ଏହା ଦ୍ୱାରା ଅନେକ ଦେଶ ପ୍ରଭାବିତ ହୋଇପାରନ୍ତି। ଏବେ ରୁଷ ପେଟ୍ରୋଲ ରପ୍ତାନୀ ଉପରେ ରୋକ୍ ଲଗାଇବାକୁ ନିଷ୍ପତ୍ତି ନେଇଛି। ଏହି କଟକଣା ଚାରି ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏପ୍ରିଲ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ପେଟ୍ରୋଲ ରପ୍ତାନୀ ନିଷିଦ୍ଧ ରହିବ। ରୁଷ ଉପପ୍ରଧାନମନ୍ତ୍ରୀ ଆଲେକଜାଣ୍ଡାର ନୋଭାକ ଏହି ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ଶକ୍ତି ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ଯୋଗାଣ ବଜାୟ ଏବଂ ମୂଲ୍ୟ ନିୟନ୍ତ୍ରଣ ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ରୁଷ ପକ୍ଷରୁ କୁହାଯାଇଛି।

ନୋଭାକ୍ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଇସ୍ରାଏଲ-ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ତୈଳ ଏବଂ ପେଟ୍ରୋଲିୟମ ଉତ୍ପାଦନ ବଜାରରେ ଅସ୍ଥିରତା ବୃଦ୍ଧି ପାଇଛି। ଏହା ଦ୍ୱାରା ମୂଲ୍ୟରେ ଦ୍ରୁତ ପରିବର୍ତ୍ତନ ଦେଖାଦେଉଛି। ଏବେ ରୁଷ ଦୈନିକ ୧.୨ ରୁ ୧.୭ ଲକ୍ଷ ବ୍ୟାରେଲ ପେଟ୍ରୋଲ ରପ୍ତାନୀ କରିଥାଏ। ରପ୍ତାନୀ ବନ୍ଦ ହେବା ଫଳରେ ଚୀନ, ତୁର୍କୀ, ବ୍ରାଜିଲ, ଆଫ୍ରିକା ଏବଂ ସିଙ୍ଗାପୁର ଭଳି ଦେଶ ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। କାରଣ ଏହି ଦେଶଗୁଡ଼ିକ ରୁଷ ତୈଳର ବଡ଼ ଗ୍ରାହକ। ତେବେ ଭାରତ ଉପରେ ଏହାର ପ୍ରଭାବ କମ୍ ରହିବ। କାରଣ ଭାରତ ପେଟ୍ରୋଲ ନୁହେଁ, ବରଂ ରୁଷରୁ ଅଶୋଧିତ ତୈଳ କ୍ରୟ କରିଥାଏ।

ବିଶେଷଜ୍ଞଙ୍କ ମତରେ, ଭାରତ ସିଧାସଳଖ ପେଟ୍ରୋଲ ଆଣୁ ନାହିଁ। ରୁଷରୁ ଅଶୋଧିତ ତୈଳ ଆଣି ଭାରତ ରିଫାଇନ କରିଥାଏ। ଏଥିରୁ ପେଟ୍ରୋଲ ଏବଂ ଡିଜେଲ ପ୍ରସ୍ତୁତ କରାଯାଏ। ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୦% ଅଶୋଧିତ ତୈଳ ଆମଦାନୀ କରିଥାଏ। ଏହା ମଧ୍ୟରୁ ପ୍ରାୟ ୨୦% ରୁଷରୁ ଆସିଥାଏ।

ଭାରତ ବହୁତ କମ୍ ପରିମାଣରେ ପେଟ୍ରୋଲ ବା ଅନ୍ୟାନ୍ୟ ପ୍ରସ୍ତୁତ ହୋଇଥିବା ଇନ୍ଧନ ଆମଦାନୀ କରିଥାଏ। ଏହା ବଦଳରେ ଦେଶ ନିଜର ବଡ଼ ରିଫାଇନାରୀ ନେଟୱର୍କ ଜରିଆରେ ଅଶୋଧିତ ତୈଳକୁ ପ୍ରକ୍ରିୟାକରଣ କରିଥାଏ। ଏହି କାରଣରୁ ପେଟ୍ରୋଲ ରପ୍ତାନୀ ଉପରେ ରୁଷ ଲଗାଇଥିବା କଟକଣାର ପ୍ରଭାବ ଭାରତ ଉପରେ ସିଧାସଳଖ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଉଛି।

ଭାରତ ଦୈନିକ ପ୍ରାୟ ୫୬ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ରିଫାଇନ କରିଥାଏ। ଏହା କେବଳ ନିଜର ଘରୋଇ ଆବଶ୍ୟକତା ପୂରଣ କରେ ନାହିଁ, ବରଂ ଏଥିରୁ ପ୍ରସ୍ତୁତ ଅନ୍ୟ ଉତ୍ପାଦ ଗୁଡ଼ିକୁ ଅନ୍ୟ ଦେଶକୁ ରପ୍ତାନୀ କରିଥାଏ। ମାତ୍ର ଯଦି ରୁଷର ନିଷ୍ପତ୍ତି ଯୋଗୁଁ ବିଶ୍ୱସ୍ତରରେ ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଅଶୋଧିତ ତୈଳ ଦର ବଢ଼ିପାରେ। ଯୁଦ୍ଧ କାରଣରୁ ପୂର୍ବରୁ ହିଁ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ଉର୍ଦ୍ଧ୍ୱରେ ରହିଛି।

ପେଟ୍ରୋଲ ରପ୍ତାନୀ ଉପରେ କଟକଣା ଲଗାଇବାକୁ ନେଇ ଶୁକ୍ରବାର ମସ୍କୋରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇନ୍ଧନ ଦର ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ବୋଲି କୁହାଯାଇଥିଲା। ବୈଠକରେ ନୋଭାକ କହିଥିଲେ ଯେ ପେଟ୍ରୋଲ-ଡିଜେଲର ଯଥେଷ୍ଟ ଷ୍ଟକ୍ ଅଛି ଏବଂ ରିଫାଇନାରୀଗୁଡ଼ିକ ସମ୍ପୂର୍ଣ୍ଣ କ୍ଷମତାର ସହ କାର୍ଯ୍ୟ କରୁଛନ୍ତି। ତୈଳ କମ୍ପାନୀଗୁଡ଼ିକ କହିଛନ୍ତି ଯେ ପେଟ୍ରୋଲ-ଡିଜେଲର ପର୍ଯ୍ୟାପ୍ତ ଭଣ୍ଡାର ରହିଛି। ରିଫାଇନାରୀଗୁଡ଼ିକ ସମ୍ପୂର୍ଣ୍ଣ ବା ତା'ଠାରୁ ଅଧିକ କ୍ଷମତାରେ କାମ କରୁଛନ୍ତି। ଏହା ଦ୍ୱାରା ଆବଶ୍ୟକତା ପୂରଣ ହେଉଛି। ରୁଷ ପୂର୍ବରୁ ମଧ ଦର ନିୟନ୍ତ୍ରଣ ଏବଂ ଘରୋଇ ଯୋଗାଣ ପାଇଁ ପେଟ୍ରୋଲ-ଡିଜେଲ ରପ୍ତାନୀ ଉପରେ ରୋକ ଲଗାଇ ଥିଲା। ୟୁକ୍ରେନ ଆକ୍ରମଣ ଯୋଗୁଁ ରିଫାଇନାରୀଗୁଡ଼ିକ ପ୍ରଭାବିତ ହେବା ପରେ ଗତ ବର୍ଷ ଏଭଳି କଟକଣା ଲଗା ଯାଇଥିଲା। ରିପୋର୍ଟ ଅନୁଯାୟୀ, ରୁଷ ଗତ ବର୍ଷ ପ୍ରାୟ ୫୦ ଲକ୍ଷ ମେଟ୍ରିକ ଟନ ପେଟ୍ରୋଲ ରପ୍ତାନୀ କରିଥିଲା। ଏହା ଦୈନିକ ପ୍ରାୟ ୧.୧୭ ଲକ୍ଷ ବ୍ୟାରେଲ ସହ ସମାନ।

- ଏପ୍ରିଲ ୧ରୁ ନିଷିଦ୍ଧ ହେବ ଯୋଗାଣ
- ସର୍ବାଧିକ ପ୍ରଭାବିତ ହେବେ ଚୀନ୍, ତୁର୍କୀ ଓ ବ୍ରାଜିଲ
- ଭାରତ ଉପରେ ପଡ଼ିବ କମ୍ ପ୍ରଭାବ



## ରୁଷ୍ ତୈଳ ୧୫ ଡଲାର ମହଙ୍ଗା

ଇସ୍ରାଏଲ-ଇରାନ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳର ଯୋଗାଣ ଶୃଙ୍ଖଳା ଗଭୀର ଭାବେ ପ୍ରଭାବିତ ହୋଇଛି। ଏହାର ସମାଧାନ ପାଇଁ ଭାରତୀୟ ରିଫାଇନର୍ସ ରୁଷରୁ ବିପୁଳ ପରିମାଣର ଅଶୋଧିତ ତୈଳ କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ମାସର ଡେଲିଭରି ପାଇଁ ଭାରତ ରୁଷ ସହିତ ପ୍ରାୟ ୬୦ ମିଲିୟନ ଅର୍ଥାତ ୬ କୋଟି ବ୍ୟାରେଲ ଅଶୋଧିତ ତୈଳ ପାଇଁ ଚୁକ୍ତି କରିଛି। ପୂର୍ବରୁ ଭାରତକୁ ରୁଷ ଶସ୍ତାରେ ତୈଳ ଯୋଗାଉ ଥିଲା। ମାତ୍ର ଏବେ ସେଥିପାଇଁ ଅଧିକ ମୂଲ୍ୟ ଦେବାକୁ ପଡ଼ୁଛି। ରିପୋର୍ଟ ଅନୁଯାୟୀ, ଏହି ଚୁକ୍ତିଗୁଡ଼ିକ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ଉପରେ ବ୍ୟାରେଲ ପିଛା ୫ ରୁ ୧୫ ଡଲାରରୁ ଅଧିକରେ ବୁକ୍ କରାଯାଇଛି। ଯୋଗାଣ ହ୍ରାସ ଏବଂ ଚାହିଦା ଅଧିକ ଥିବାରୁ ଦରରେ ଏହି ବୃଦ୍ଧି ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ, ଭାରତର ଏହି କ୍ରୟ ପଛରେ ଆମେରିକା ଦେଇଥିବା ଆଶ୍ୱସ୍ତି ରହିଛି। ମାର୍ଚ୍ଚ ୫ ପୂର୍ବରୁ ଜାହାଜରେ ଲୋଡ୍ ହୋଇସାରିଥିବା ସବୁ ରୁଷୀୟ ତୈଳ କାର୍ଗୋକୁ ଗ୍ରହଣ କରିବା ପାଇଁ ଆମେରିକା ଅନୁମତି ଦେଇଛି। ପରେ ଏହି ଆଶ୍ୱସ୍ତି ସୀମାକୁ ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା।

## ରୁଷ୍‌ରୁ ତୈଳ କ୍ରୟ ୮୨% ବଢ଼ାଇଲା ଭାରତ

ପଶ୍ଚିମ ଏସିଆରେ ଅସ୍ଥିରତା ଜାରି ରହିଛି। ଫେବୃଆରୀ ୨୮ ରୁ ଆରମ୍ଭ ହୋଇଥିବା ଇସ୍ରାଏଲ୍-ଆମେରିକା ଏବଂ ଇରାନ ସଂଘର୍ଷ ସାରା ବିଶ୍ୱର ଶକ୍ତି ବଜାରରେ ଆତଙ୍କ ସୃଷ୍ଟି କରିଛି। ଏହି ଯୁଦ୍ଧର ପ୍ରଭାବ ଭାରତ ଉପରେ ମଧ ପଡ଼ିଛି। କାରଣ ଭାରତ ନିଜ ତୈଳ ଆବଶ୍ୟକତାର ପ୍ରାୟ ୮୮ ପ୍ରତିଶତ ଆମଦାନୀ କରୁଛି। ଅନ୍ତର୍ଜାତୀୟ ସ୍ତରରେ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଲୋକଙ୍କ ମନରେ ପେଟ୍ରୋଲ ଏବଂ ଡିଜେଲର ଦର ବୃଦ୍ଧି ଓ ଅଭାବକୁ ନେଇ ଭୟ ସୃଷ୍ଟି ହୁଏ। ଏହାକୁ ନେଇ ଗୁଜରାଟରୁ କରୁଣ ଚିତ୍ର ସାମ୍ନାକୁ ଆସିଛି। ଲୋକେ ଟାଙ୍କିରେ ଧାଡ଼ି ଲମ୍ବେଇ ଯିଏ ଯେଉଁଥିରେ ପାଇଲା ସେଥିରେ ଭର୍ତ୍ତି କରି ନେଉଥିବା ଦେଖାଯାଉଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଦେଶରେ ପେଟ୍ରୋଲ, ଡିଜେଲର ଅଭାବ ନାହିଁ ବୋଲି ସରକାର ସ୍ପଷ୍ଟ କରିଥିଲେ ମଧ ଲୋକେ ଗୁଜବର ଶିକାର ହେଉଛନ୍ତି। ଯୁଦ୍ଧ ପାଇଁ ଇରାନ ହର୍ମୁଜ ଷ୍ଟ୍ରେଟ ବନ୍ଦ କରି ଦେଇଥିବାରୁ ଇରାକ, ସାଉଦି ଆରବ, ୟୁଏଇ ଏବଂ କୁଏତ ଭଳି ଦେଶରୁ ଭାରତକୁ ଆସୁଥିବା ଅଶୋଧିତ ତୈଳ ପରିମାଣ ବହୁତ ହ୍ରାସ ପାଇଛି। 'କେପ୍ଲର'ର ତଥ୍ୟ ଅନୁଯାୟୀ, ମାର୍ଚ୍ଚରେ ଇରାକ ଏବଂ ୟୁଏଇରୁ ହେଉଥିବା ଆମଦାନୀରେ ଯଥାକ୍ରମେ ୬୯.୨% ଏବଂ ୭୨.୮% ର ହ୍ରାସ ଘଟିଛି। ସାଉଦି ଆରବ ଏବଂ କୁଏତରୁ ଯୋଗାଣ ମଧ ପ୍ରାୟ ଅଧା ହୋଇଯାଇଛି। ଏଭଳି କଠିନ ସମୟରେ ରୁଷ ଭାରତର ସଙ୍କଟ ମୋଚକ ସାଜିଛି।

ପଶ୍ଚିମ ଏସିଆରୁ ତୈଳ ବନ୍ଦ ହେବାରୁ ଯେଉଁ ସ୍ଥିତି ସୃଷ୍ଟି ହୋଇଥିଲା ରୁଷ ତାହାକୁ ଭରଣା କରିଦେଇଛି। ଏଥିଯୋଗୁଁ ମାର୍ଚ୍ଚ ୧ରୁ ୨୫ ମଧ୍ୟରେ ରୁଷରୁ ଆସୁଥିବା ଅଶୋଧିତ ତୈଳ ୮୨.୩ ପ୍ରତିଶତ ବୃଦ୍ଧି ପାଇଛି। ଏହା ଦୈନିକ ୧.୯ ନିୟୁତ ବ୍ୟାରେଲର ରେକର୍ଡ ସ୍ତରରେ ପହଞ୍ଚି ଯାଇଛି। ଫେବୃଆରୀରେ ଭାରତର ମୋଟ ତୈଳ ଆମଦାନୀରେ ରୁଷର ଅଂଶ ମାତ୍ର ୨୦.୧ ପ୍ରତିଶତ ଥିଲା। ଏବେ ଏହା ବୃଦ୍ଧି ପାଇ ୪୫.୨ ପ୍ରତିଶତରେ ପହଞ୍ଚି ଯାଇଛି। ଏପ୍ରିଲ ପର୍ଯ୍ୟନ୍ତ ଯୋଗାଣ ପାଇଁ ଭାରତୀୟ ରିଫାଇନାରୀ ଗୁଡ଼ିକ ୬୦ ନିୟୁତ ବ୍ୟାରେଲ ରୁଷ ତୈଳ କ୍ରୟ କରିସାରିଛନ୍ତି। ଏହା ଭାରତର ସୁଦୃଢ଼ ବ୍ୟବସ୍ଥାର ପରିଣାମ।

